## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍, ପ୍ରଦୂଷଣ ସମସ୍ୟା ସମାଧାନ ଦାବି

# ଫେବୃୟାରୀ ୨୩ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

ଅନୁଗୋଳ, ୧୫ ।୨(ସମିସ)

ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍, ପ୍ରଦୂଷଣ, ବିସ୍ଥାପନ ଭଳି ମୌଳିକ ସମସ୍ୟା ସମାଧାନ ଦାବିରେ ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଫେବୃୟାରୀ ୨୩ ତାରିଖ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି । ଆନ୍ଦୋଳନକୁ ସଫଳ କରିବା ପାଇଁ ସ୍ଥାନୀୟ ଶିକ୍ଷକପଡ଼ାସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରରେ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । କମିଟି ଆବାହକ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଆବାହକ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ପଠାଣୀ ବାରିହା, ତୀର୍ଥବାସୀ ଭୋଇ, ଦାମୋଦର ଦାସ, ମାନସ ପାଳ, ତ୍ରେତାନନ୍ଦ ସାମନ୍ତ, ନିରୋଦ ପାଳ, ତ୍ରିଲୋଚନ ଜେନା, ମୋହନ ଦେହୁରୀ, ଅଶୋକ କୁମାର ପ୍ରଧାନ, ନିରୁପମା ପ୍ରଧାନ ପ୍ରମୁଖ



ଯୋଗଦେଇ ନିଜ ମତ ରଖିଥିଲେ । ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମାଧାନ ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟ୍ରମାକେୟାର ସେଣ୍ଟର, ଆଇସିୟୁ ବର୍ଣ୍ଣ ୟୁନିଟ୍ ଓ ଇକୋ ମେସିନ୍ କାର୍ଯ୍ୟକ୍ଷମ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସପ୍ତାହକୁ ଥରେ କିମ୍ବା ଦୁଇଥର ଆସୁଥିବା ଅଭିଜ୍ଞ ବିଶେଷଜ୍ଞ ଡାକ୍ତରମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଇ ନିୟମିତ ରୋଗୀସେବା ଯୋଗାଇଦେବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଆମିଷ ବଜାରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା, ଜିଲ୍ଲାର ସମସ୍ତ ଉପଖଣ୍ଡ ଡାକ୍ତରଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର, ନର୍ସ, କର୍ମଚାରୀ ପଦ ପୂରଣ କରି ୨୪ ଘଣ୍ଟିଆ ଚିକିତ୍ସା ଯୋଗାଇଦେବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ନର୍ସିଂ କଲେଜ ପ୍ରତିଷ୍ଠା କରିବା, ସାରା ରାଜ୍ୟକୁ ବିଦ୍ୟୁତ୍ ଯୋଗାଣ କରି ପ୍ରଦୂଷଣ ବିଷ ବଳୟରେ ହନ୍ତସନ୍ତ ହେଉଥିବା ଜିଲ୍ଲାର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଇଦେବା, ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ, ଅତିରିକ୍ତ ସୁରକ୍ଷା ଜମା ଆଦାୟ ନାଁରେ ଜିଜିଆ କର ଆଦାୟ ସମ୍ପୂର୍ଣ୍ଣ ବନ୍ଦ, ବୈଜ୍ଞାନିକ ପଦ୍ଧତିରେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପ୍ରଭୃତି ଦାବି ଉପସ୍ଥାପନ ପାଇଁ ଆଲୋଚନା ହୋଇଥିଲା । ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ଜିଲ୍ଲାର ସଚେତନ ନାଗରିକ, ବୁଦ୍ଧିଜୀବୀ, ପରିବେଶବିତ୍, ସାମାଜିକ ସଂଗଠନ, ଯୁବକ ସଂଘ, ମହିଳା ସଂଘ, ବ୍ୟବସାୟୀ ସଂଘ, ଗଣ ସଂଗଠନ ସମେତ ସବୁ ବର୍ଗର ଜନସାଧାରଣ ଆଗେଇ ଆସିବା ପାଇଁ କମିଟି ପକ୍ଷରୁ ନିବେଦନ କରାଯାଇଛି ।

## ଏମସିଏଲ ଲିଙ୍ଗରାଜ ଜାଗାରେ ବଢ଼ି ଚାଲିଛି ବେଆଇନ ଦୋକାନ ଗୃହ

### ● ବ୍ୟବସାୟୀଙ୍କଠାରୁ ଅଗ୍ରୀମ ଟଙ୍କା ଓ ଭଡ଼ା ନେଇଛି କିଏ?

ଅନୁଗୋଳ, ୧୫ ।୨(ସମିସ): ରାଜ୍ୟ ସରକାର ଏବେ ସହରର ରାସ୍ତାଘାଟକୁ ଓସାରିଆ କରିବା ସହ ରାସ୍ତାର ସୌନ୍ଦର୍ଯ୍ୟକରଣ କରିବା ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରୁଛନ୍ତି । ତେବେ ଶିଳ୍ପନଗରୀ ତାଳଚେରରେ ଏହାର ବ୍ୟତିକ୍ରମ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି । ତାଳଚେର ସହର ଏମସିଏଲ ଲିଙ୍ଗରାଜ ରୋଡ୍‌ସ୍ଥିତ ସାଇ ମନ୍ଦିର ପାଚେରିକୁ ଲାଗି ଅନେକ ସଂଖ୍ୟାରେ ବେଆଇନ ଦୋକାନ ଗୃହ ନିର୍ମାଣ ହେବାରେ ଲାଗିଛି ।



ସେହିପରି ଲିଙ୍ଗରାଜ ଡିଏଭି ସ୍କୁଲ ପାଚେରିକୁ ଲାଗି କିଛି ମାଂସ ଦୋକାନୀ ଅହରହ ମାଂସ କାଟୁଛନ୍ତି । ଏଠାରେ ବେଆଇନ ଦୋକାନ ଗୃହ ପାଇଁ ଅନୁମତି ଦେଉଛି କିଏ ବୋଲି ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଲିଙ୍ଗରାଜ ଖଣି ବିଭାଗ ସିକ୍ୟୁରିଟି ସଂସ୍ଥାର କିଛି ଦଲାଲ ଜଣେ ଜଣେ ବ୍ୟବସାୟୀଙ୍କଠାରୁ ଲକ୍ଷାଧିକ ଟଙ୍କା ଅଗ୍ରୀମ ନେଇ ମାସକୁ ମାସ ହଜାର ହଜାର ଟଙ୍କା ଆଦାୟ କରି ବେଶ୍ ମାଲେମାଲ ହେଉଥିବା ଅଭିଯୋଗ ହେଉଛି ।

ଗୋଟିଏ ପଟେ ରାଜ୍ୟ ସରକାର ସଂକୁଚିତ ରାସ୍ତାକୁ ଓସାରିଆ କରିବା ପାଇଁ ପଦକ୍ଷେପ ଗ୍ରହଣ କରୁଥିବା ବେଳେ କିଛି ରାଜନୀତିକ କୁଜିନେତା ଓ ଲିଙ୍ଗରାଜ ଖଣି ସିକ୍ୟୁରିଟି ସଂସ୍ଥାର ଦଲାଲ ମିଶି ସରକାରଙ୍କ ଉଦ୍ଦେଶ୍ୟକୁ ଏଠାରେ କୁଠାରାଘାତ କରୁଛନ୍ତି । ଏଠାରେ ରାସ୍ତା ସଂକୁଚିତ ହେବା କାରଣରୁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି । ଏ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି । ସ୍ଥାନୀୟ ପ୍ରଶାସନ ଏବଂ ଏମସିଏଲ ଲିଙ୍ଗରାଜ କର୍ତ୍ତୃପକ୍ଷ ଏଥିପ୍ରତି ବିଶେଷ ଦୃଷ୍ଟି ଦେବା ଅତ୍ୟନ୍ତ ଜରୁରୀ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି ।

## ବବିତା ପ୍ରଧାନ ହେଲେ ଅନୁଗୋଳ ଜିଲ୍ଲା ମହିଳା ବିଜେଡି ସଭାପତି



ଅନୁଗୋଳ, ୧୫ ।୨(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଅନୁଗୋଳ ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାପତି ଭାବେ ନିଯୁକ୍ତି ହୋଇଛନ୍ତି ବବିତା ପ୍ରଧାନ । ଏ ନେଇ ଜିଲ୍ଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ପୂର୍ବତନ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପୂର୍ବତନ ଜିଲ୍ଲା ସଭାପତି ମହେନ୍ଦ୍ର ବସ୍ତିଆ, ଉପସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ଅନ୍ୟ ନେତୃବୃନ୍ଦ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବବିତାଙ୍କ ନେତୃତ୍ୱ, ନିଷ୍ଠା ଓ ସାଂଗଠନିକ କାର୍ଯ୍ୟପ୍ରତି ସମର୍ପଣ ଦଳକୁ ଆହୁରି ସୁଦୃଢ଼ କରିବା ସହ ମହିଳା ସଶକ୍ତୀକରଣ ଓ ସାମାଜିକ ଉନ୍ନତିରେ ଉଲ୍ଲେଖନୀୟ ଭୂମିକା ହେବ ବୋଲି ନେତୃବୃନ୍ଦ ପ୍ରକାଶ କରିଛନ୍ତି ।

## 'କୋଇଲା ଖଣି ଯୋଗୁଁ ଅନୁଗୋଳର ଭବିଷ୍ୟତ' ଉପରେ ସମ୍ମିଳନୀ




ଅନୁଗୋଳ, ୧୫ ।୨(ସମିସ): ଓଡ଼ିଶା ଉଦୟ ଫାଉଣ୍ଡେସନ୍ ପକ୍ଷରୁ 'କୋଇଲା ଖଣି ଯୋଗୁଁ ଅନୁଗୋଳର ଭବିଷ୍ୟତ' ଶୀର୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଓଡ଼ିଶା ଉଦୟ ଫାଉଣ୍ଡେସନ ଅଧ୍ୟକ୍ଷା ସ୍ମୃତିଲିପି ମିଶ୍ର, ସାଧାରଣ ସମ୍ପାଦିକା ଅର୍ଚ୍ଚନା ପଟ୍ଟନାୟକ ଉପସ୍ଥିତ ଥିଲେ । ସମ୍ମିଳନୀରେ ନୀତି ନିର୍ଦ୍ଧାରକ, ଶିଳ୍ପ ନିପୁଣ, ପରିବେଶ ବିଶେଷଜ୍ଞ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ଯୋଗଦେଇ ଅନୁଗୋଳର ଭବିଷ୍ୟତ ଉନ୍ନତି ନେଇ ଆଲୋଚନା କରିଥିଲେ । କୋଇଲା ଖଣି ଅନୁଗୋଳକୁ ଶିଳ୍ପ ଓ ଅର୍ଥନୈତିକ ଭାବେ ସଶକ୍ତ କରିଥିବା ମତ ପ୍ରକାଶ ପାଇଥିଲା । ତେବେ ଦୀର୍ଘକାଳୀନ ବିକାଶ ପାଇଁ ପରିବେଶ ସୁରକ୍ଷା ଓ ସ୍ଥାନୀୟ ଲୋକଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଉପସ୍ଥିତ ଜନସାଧାରଣ ଅନୁଗୋଳ ଜିଲ୍ଲାରେ ହେଉଥିବା ବ୍ୟାପକ ପ୍ରଦୂଷଣ ନିରାକରଣ ଉପରେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ବାୟୁ, ଜଳ ପ୍ରଦୂଷଣକୁ କିଭଳି କମ୍ କରାଯାଇପାରିବ ସେ ଉପରେ ଆଲୋଚନା ହୋଇଥିଲା । ଅଖିଳ ବେହେରା ମଞ୍ଚ ପରିଚାଳନା କରିଥିଲେ । ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠିର ସୁବିନିଯୋଗ କରାଯିବା ପାଇଁ ଦାବି ରଖାଯାଇଥିଲା । ଆଗାମୀ କୋଇଲା ଖଣି ପାଇଁ ଅନୁଗୋଳର ଭବିଷ୍ୟତ କ'ଣ ସେ ଦିଗରେ ସମସ୍ତେ ଏବେଠୁ ସଚେତନ ହେବା ଦରକାର ବୋଲି ମତ ପ୍ରକାଶ ପାଇଥିଲା । ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ର ଯୋଗଦେଇଥିଲେ । ଅନୁଷ୍ଠାନର ଟାଇଟଲ ଗୀତକୁ ଅତିଥି ଉନ୍ମୋଚନ କରିଥିଲେ । ଓଡ଼ିଶା ଉଦୟ ଫାଉଣ୍ଡେସନର ସଦସ୍ୟ ଶୁଭ୍ରଜିତ ସ୍ୱାଇଁ, ସ୍ୱସ୍ତିକଦେବ ସାହୁ ସହଯୋଗ କରିଥିଲେ ।

## ଅନୁଗୋଳ କଲେଜ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ଡ. ବସନ୍ତ କୁମାର ସାହୁ

ଅନୁଗୋଳ, ୧୫ ।୨(ସମିସ): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ପତ୍ରସଂଖ୍ୟା ୮୧୦୩ ତା.୧୨.୦୨.୨୦୨୬ ରିଖ ନିର୍ଦ୍ଦେଶ ଅନୁସାରେ ଡ. ବସନ୍ତ କୁମାର ସାହୁ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବଦଳି ହୋଇଥିବା ପୂର୍ବତନ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ପଟେଲଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଡ. ସାହୁ ପୂର୍ବରୁ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ, ପରୀକ୍ଷା ନିୟନ୍ତ୍ରକ, ଶିକ୍ଷା ସମ୍ବନ୍ଧୀୟ ଅଧିକାରୀ, ନାକ୍, ରୁସା, ଆଇକ୍ୟୁଏସି ଆଦିର ସଂଯୋଜକ ତଥା ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଉତ୍କର୍ଷତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି । ତାଙ୍କ ପ୍ରଚେଷ୍ଟାରେ ମହାବିଦ୍ୟାଳୟର ଅନେକ ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲାଯାଇଛି ।



ଡ. ସାହୁ ଏହି ସବୁ ପ୍ରଶାସନିକ କାର୍ଯ୍ୟ ବ୍ୟତୀତ ପଦାର୍ଥ ବିଜ୍ଞାନରେ ଉଚ୍ଚତର ଗବେଷଣା ପାଇଁ ନିଜକୁ ନିୟୋଜିତ କରିଛନ୍ତି । ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ ସ୍ୱୀକୃତିପ୍ରାପ୍ତ ମାର୍ଗଦର୍ଶକ । ତାଙ୍କର ତତ୍ତ୍ୱାବଧାନରେ ଦୁଇଜଣ ଗବେଷକ ଗବେଷଣା କରୁଛନ୍ତି । ଦେଶବିଦେଶର ପ୍ରତିଷ୍ଠିତ ଗବେଷଣାତ୍ମକ ପତ୍ରିକା ତଥା ପୁସ୍ତକରେ ତାଙ୍କ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ ପାଇ ପାଠକୀୟ ସ୍ୱୀକୃତି ଲାଭ କରିଛି । ସେ ବ୍ରାଜିଲର ସାଓପୋଲୋ ବିଶ୍ୱବିଦ୍ୟାଳୟକୁ ନିଜ ଗବେଷଣା ଲବ୍ଧ ଜ୍ଞାନ ଉପସ୍ଥାପନ କରିଥିଲେ । ମହାବିଦ୍ୟାଳୟରେ କିଭଳି ଶୈକ୍ଷିକ ବାତାବରଣ ସହ ଭିତ୍ତିଭୂମି ଓ ଗବେଷଣା କାର୍ଯ୍ୟରେ ଉତ୍କର୍ଷତା ପ୍ରତିପାଦନ କରାଯିବ ସେ କ୍ଷେତ୍ରରେ ଯତ୍ନବାନ ହେବେ ବୋଲି ଡ. ସାହୁ କହିଛନ୍ତି । ସେ ଅନୁଗୋଳ ଜିଲ୍ଲା ଅର୍କୀଳ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୀରବର ସାହୁ ଏବଂ ସ୍ୱର୍ଗତ ଦୁଃଖୀ ସାହୁଙ୍କ ବଡ଼ପୁଅ ତଥା ଅନୁଗୋଳ ଜିଲ୍ଲା ଲାଙ୍ଗୁଳିଆପଡ଼ାର ରାଜେନ୍ଦ୍ର ନାରାୟଣ ବିଶ୍ୱାଳ ଓ ନିର୍ମଳା ବିଶ୍ୱାଳଙ୍କ ଜାମାତା ଅଟନ୍ତି । ଡ. ସାହୁ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବା ପରେ ସ୍ଥାନୀୟ ଅଞ୍ଚଳବାସୀ ତଥା ପୁରାତନ ଛାତ୍ରଛାତ୍ରୀ ଖୁସି ପ୍ରକାଶ କରିବା ସହ ଆଗାମୀ ଦିନରେ ମହାବିଦ୍ୟାଳୟ କିଭଳି ଆହୁରି ଉନ୍ନତି କରାଯିବ ସେ ନେଇ ଆଶାବ୍ୟକ୍ତ କରିଛନ୍ତି ।

## ବିଷୁବ ମିଳନ ପାଇଁ ପୁରସ୍କାର ଘୋଷଣା

ଅନୁଗୋଳ, ୧୫ ।୨(ସମିସ): ସ୍ଥାନୀୟ ଉତ୍କଳ ନବଜୀବନ ମଣ୍ଡଳ ପରିସରରେ ପ୍ରାଧ୍ୟାପକ କୁମୁଦଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ



ଅନୁଷ୍ଠାନର କାର୍ଯ୍ୟକାରୀ କାମଟି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଚଳିତ ବର୍ଷ ନିମନ୍ତେ ରାଜା ସୋମନାଥ ସିଂହ ସମ୍ମାନ ପାଇଁ ଦୀନେଶ ମାଲି, କବି ରାଧାମୋହନ ଗଡ଼ନାୟକ ସମ୍ମାନ ପାଇଁ ମୁକୁନ୍ଦଚନ୍ଦ୍ର ଶତପଥୀ ଏବଂ ପବିତ୍ର ମୋହନ ସ୍ମୃତି ସମ୍ମାନ ପାଇଁ ଡା. ନନ୍ଦକିଶୋର ମହାକୁଡ଼ଙ୍କ ନାମ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି । ଏହାବ୍ୟତୀତ ସାରସ୍ୱତ ସମ୍ମାନ ପାଇଁ ତେତ୍ରାନନ୍ଦ ସାମନ୍ତ, ଗୁଣନିଧି ପ୍ରଧାନ, ମାମୁଲି ସାହୁ, ଦୀପ୍ତିମୟୀ ବିଶ୍ୱାଳ ଓ ନୀହାରିକା ସାହୁଙ୍କ ନାମ ଗୃହୀତ ହୋଇଛି । ଏହି ପୁରସ୍କାର ଆସନ୍ତା ଏପ୍ରିଲ ୧୪ ତାରିଖ ବିଷୁବ ମିଳନରେ ପ୍ରଦାନ କରାଯିବ । ବୈଠକରେ ପ୍ରାଧ୍ୟାପକ ଶାନ୍ତନୁ କୁମାର ସର, ଯଦୁମଣି ସାହୁ, ରାଧାକାନ୍ତ ମହାନ୍ତି, ବିରଞ୍ଚି ନାରାୟଣ ନାୟକ, ରମେଶ ଚନ୍ଦ୍ର ମିଶ୍ର, ଘନଶ୍ୟାମ ସାହୁ, ଅରୁଣ କୁମାର ସାହୁ, ସାନନ୍ଦ ଚନ୍ଦ୍ର ପରିଡ଼ା, ଶାନ୍ତିଲତା ରଥ, ସରୋଜିନୀ ଦେଇ, ମନୋଜ କୁମାର ବେହେରା, ଅସିତ୍ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ଶିବରାମ ମିଶ୍ର ଧନ୍ୟବାଦ୍ ଦେଇଥିଲେ ।

## ଶିକ୍ଷଣ ପଦ୍ଧତି ଓ ପାଠ୍ୟକ୍ରମ ସଂଶୋଧନ ସମ୍ପର୍କିତ ଆଲୋଚନାଚକ୍ର

କିଶୋରନଗର, ୧୫ ।୨(ସମିସ): କିଶୋରନଗର ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଆନୁକୂଲ୍ୟରେ ଫେବୃଆରୀ ୧୩ ଓ ୧୪ ତାରିଖ ୨ ଦିନ ଧରି 'ବିଦ୍ୟାଳୟ ଶିକ୍ଷାର ଭବିଷ୍ୟତ ଦିଗ: ଶିକ୍ଷଣ ପଦ୍ଧତି ଓ ପାଠ୍ୟକ୍ରମ ସଂଶୋଧନ' ସମ୍ପର୍କିତ ପାଠଚକ୍ର ଅନୁଷ୍ଠିତ ହୋଇଛି । ଅଧ୍ୟକ୍ଷ ମଦନ ସୁନ୍ଦର ପ୍ରଧାନଙ୍କ ଅଧ୍ୟକ୍ଷତା ଓ ପାଠ୍ୟଚକ୍ର ମୁଖ୍ୟ ତଥା ଅନୁଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ସୁବ୍ରତ କୁମାର ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ କିଶୋରନଗର ବିଇଓ ଅରୁଣ କୁମାର ସେଠୀ ମୁଖ୍ୟଅତିଥି



ଏବଂ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ କୁମାର ପ୍ରଧାନ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ଉଦଯାପନୀ ଉତ୍ସବରେ କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ମୁଖ୍ୟଅତିଥି, ଇତିହାସ ବିଭାଗ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷକ କମଳ ଲୋଚନ ମହନ୍ତ ଓ ଗ୍ରନ୍ଥାଗାରିକ ବିଭୂତି ଭୂଷଣ ମହାରଣାଙ୍କ ସହଯୋଗରେ ସନ୍ଦର୍ଭ ଉପସ୍ଥାପନ ଅଧିବେଶନ ସମ୍ପାଦିତ ହୋଇଥିଲା । ଏଥିରେ ୩୬ଟି ସନ୍ଦର୍ଭ ଉପସ୍ଥାପିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିବାନୀ ବେହେରା, ଅତିଥି ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ, ସୂରଜ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ପାଠଚକ୍ର ସଚିବ ପାୟଲ ପ୍ରଧାନ, ଉପ-ସଚିବ ସୌମ୍ୟଜିତ ପାତ୍ର, ସହ ସଚିବ ପ୍ରଜ୍ଞା ପାରମିତା ନାୟକ ଓ ଉମାପ୍ରସାଦ ଜେନା, କାର୍ଯ୍ୟକ୍ରମ ସଚିବ ବିଦ୍ୟୁତପ୍ରଭା ପାଣିଗ୍ରାହୀ, ସଞ୍ଚାଳିକା ଶାଶ୍ୱତୀ ମିଶ୍ର ଓ ତେଜସ୍ୱିନୀ ଦାଶ ସହଯୋଗ କରିଥିଲେ । ବଳିଷ୍ଠ ନେତୃତ୍ୱ ଓ ନିଷ୍ଠାପର କାର୍ଯ୍ୟ ପାଇଁ ଦ୍ୱିତୀୟ ବର୍ଷ ଗୁରୁଛାତ୍ର ସଂଗ୍ରାମ ସେଠୀଙ୍କୁ ପୁରସ୍କୃତ କରାଯାଇଥିଲା ।

### ● ଜାଗର ପାଇଁ ଚଳଚଞ୍ଚଳ ଶୈବପୀଠ

## ପଶ୍ଚିମେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ତାଳଚେର, ୧୫ ।୨(ସମିସ): ପବିତ୍ର ମହାଶିବରାତ୍ରି ତଥା ଜାଗର ଅବସରରେ ରବିବାର ଶୈବପୀଠଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି । ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗି ରହିଛି । ତାଳଚେର ବ୍ରାହ୍ମଣୀନଦୀ କୂଳରେ ଅବସ୍ଥିତ ପଶ୍ଚିମେଶ୍ୱର ଶୈବପୀଠ



ଭକ୍ତମୟ ହୋଇପଡ଼ିଥିଲା । ମନ୍ଦିରକୁ ସୁସଜ୍ଜିତ କରାଯିବା ସହ ସଂକୀର୍ତ୍ତନ ମଣ୍ଡଳୀ ଓ ଭକ୍ତଙ୍କ ସୁବିଧା ନିମନ୍ତେ ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା । ପୌର ପରିଷଦ ପକ୍ଷରୁ ମନ୍ଦିର ଚାରିପାଖ ପରିଷ୍କାର ପରିଚ୍ଛନ୍ନ କରାଯିବା ସହ ବ୍ଲିଚିଂ ଇତ୍ୟାଦି ପ୍ରୟୋଗ କରାଯାଇଥିଲା । ସେହିପରି ଧରମପୁର, କଙ୍କିଳି, ଶୈନାଳୀ, ସାତପାଟିଆ, କାକୁଡ଼ି, ହରିହରପୁର, ବିହାରୀପୁର, ତାଳଚେର ଜଗନ୍ନାଥ ମନ୍ଦିର, ଆଖଣ୍ଡଳମଣି, ଦକ୍ଷିଣକାଳୀ, କେନ୍ଦୁଆଶୁଣୀ, ମା' ହିଙ୍ଗୁଳା, ମଙ୍ଗଳା, ରାଣୀମନ୍ଦିର, ରାମମନ୍ଦିର, ପଞ୍ଚମୁଖୀ, ବାବା ପଶ୍ଚିମେଶ୍ୱର, ଚିତ୍ରକୂଟ, ବାବା ଗଣେଶ, ସୁନାମୁଖୀ, ତାଳବେଡ଼ା, କଣ୍ଡାଳ, ଚକ୍ରଶିଳା, ବହ୍ଲର, ବନ୍ତୋଲ, ଥର୍ମାଲ, ଡେରା, ସାଉଥବଲଣ୍ଡା, ଇତ୍ୟାଦି ଦେବଦେବୀଙ୍କ ମନ୍ଦିର ସହ ବିଭିନ୍ନ ଶୈବପୀଠରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା ।

## ଶିବମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ଭୂମିପୂଜନ



କଣିହାଁ, ୧୫ ।୨(ସମିସ): ରେଙ୍ଗାଳି ପଞ୍ଚାୟତ ଦେନାଳି ଗ୍ରାମରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ରାମେଶ୍ୱର ମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ଭୂମିପୂଜନ ଅନୁଷ୍ଠିତ ହୋଇଛି । ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମିପୂଜନ କରିଛନ୍ତି । ଗ୍ରାମର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଏବଂ ଆବଶ୍ୟକ ପଡ଼ିଲେ ମନ୍ଦିର ପାଇଁ ମଧ୍ୟ ଆହୁରି ଅର୍ଥ ଯୋଗାଇ ଦେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି । ଭୂମିପୂଜନ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରଭାତୀ ସେଠୀ, ରେଙ୍ଗାଳି ମଣ୍ଡଳ ବିଜେପି ସଭାପତି ହରେକୃଷ୍ଣ ପ୍ରଧାନ, ବରିଷ୍ଠ ଆଇନଜୀବୀ ତ୍ରିପୁରାରୀ ପ୍ରଧାନ, ଧ୍ରୁବ ଧୀର, ତରୁଣ କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

କିଶୋରନଗର, ୧୫ ।୨(ସମିସ): ଆଠମଲ୍ଲିକ ଉପଖଣ୍ଡ ତେନ୍ତୁଳିପଥରସ୍ଥିତ ଶ୍ରୀରାମଦେବ କଲେଜ କଳା ବିଭାଗ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରଭୁ ଗଜାନନଙ୍କୁ ଧୂପଦୀପ, ପୁଷ୍ପମାଲ୍ୟ ଅର୍ପଣ ପରେ ସଭା ଆରମ୍ଭ ହୋଇଥିଲା । ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ । କଲେଜ ଅଧ୍ୟକ୍ଷ ସତ୍ୟଜିତ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ମୁଖ୍ୟଅତିଥି ଭାବେ କଲେଜ ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବାଲ୍ମୀକି ମୁଖୀ, ପପୁନ ସାହୁ, ଶ୍ରୀକାନ୍ତ ସାହୁ, ପୁଲିନ ସାହୁ, ଅରବିନ୍ଦ ସାହୁ, ଗୋବିନ୍ଦ ଚନ୍ଦ୍ର ନାୟକ ଓ ରାମକୃଷ୍ଣ ଶିକ୍ଷାନୁଷ୍ଠାନ କର୍ମକର୍ତ୍ତା ଯୋଗଦେଇଥିଲେ ।



## ଗୁରୁବନ୍ଦନା ଓ ଛାତ୍ର ଅଭିନନ୍ଦନ ସମାରୋହ

ଅନୁଗୋଳ, ୧୫ ।୨(ସମିସ): ଭାରତ ବିକାଶ ପରିଷଦ ଅନୁଗୋଳ ଶାଖା ପକ୍ଷରୁ ସ୍ଥାନୀୟ ଟାଉନ ହାଇସ୍କୁଲ ପରିସରରେ ଗୁରୁବନ୍ଦନା ଓ ଛାତ୍ର ଅଭିନନ୍ଦନ ସମାରୋହ ଆୟୋଜିତ ହୋଇଛି । ସଂସ୍ଥାର ସଭାପତି ଶିକ୍ଷାବିତ୍ ଶାନ୍ତନୁ କୁମାର ସରଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ନିଜ ଅଭିଭାଷଣରେ ସର ଭାରତ ବିକାଶ ପରିସଦର ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ଏକ ସମର୍ଥ ରାଷ୍ଟ୍ର ଗଠନ ପାଇଁ ଆହ୍ୱାନ ଦେଇଥିଲେ । ଗୁରୁଶିଷ୍ୟ ପରମ୍ପରାରେ ବିଦ୍ୟାର୍ଥୀ ଶୃଙ୍ଖଳା ଓ ଅନୁଶାସନ, ତ୍ୟାଗ ଆଦି ସଦ୍ ଗୁଣାବଳୀ ଆହରଣ କରିଥାଏ ଯାହା ପରବର୍ତ୍ତୀ ସମୟରେ ରାଷ୍ଟ୍ର ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଦୁର୍ଗାଶଙ୍କର ମିଶ୍ର ଯୋଗଦେଇ ସଂସ୍କାର ଓ ଶୃଙ୍ଖଳା ବିନା ସଫଳତା ହାସଲ କରିହୁଏ ନାହିଁ ବୋଲି କହିଥିଲେ । ଭାରତ ବିକାଶ ପରିଷଦ ସମ୍ପାଦକ ବିଜୟ କୁମାର ମୋଦୀ ଉପସ୍ଥିତ ଥିଲେ । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅଳକା ସାହୁ, ସଂଗଠନର ଉପସଭାପତି ଭରତ ଗଡ଼ନାୟକ, ସଂସ୍କାର ପ୍ରମୁଖ ପ୍ରମୋଦ ନାୟକ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନ ପକ୍ଷରୁ ୪



ଜଣ ଶିକ୍ଷକ ଓ ୪ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ ଶିକ୍ଷକମାନେ ହେଲେ ଭଗବାନ ବେହେରା, ସାଗରିକା ପ୍ରଧାନ, ସଂଗ୍ରାମ କେଶରୀ ଗଡ଼ନାୟକ ଓ ମନସ୍ୱିନୀ ପ୍ରଧାନ । ସେହିପରି କୃତୀ ଛାତ୍ରଛାତ୍ରୀ ହେଲେ ସରକାରୀ ବାଳିକା ବିଦ୍ୟାଳୟର ସୌମ୍ୟାଶ୍ରୀ ସାହୁ, ଅନୁଗୋଳ ହାଇସ୍କୁଲର ଅକ୍ଷୟ କୁମାର ସାହୁ, ନାଲକୋ ଏସଭିଏମ୍‌ର ବିଶ୍ୱରଞ୍ଜନ ବେହେରା ଏବଂ କୁମୁରିସିଂହା ହାଇସ୍କୁଲର ଶିବାନନ୍ଦ ବିଶ୍ୱାଳ ।

## କୋଇଲା ପରିବହନ ସମନ୍ୱୟ ବୈଠକକୁ ୪ ଗ୍ରାମବାସୀଙ୍କ ବିରୋଧ

ଛେଣ୍ଡିପଦା, ୧୫ ।୨(ସମିସ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନୈନି କୋଇଲା ଖଣିରୁ କୋଇଲା ପରିବହନ ପାଇଁ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ସମନ୍ୱୟ ବୈଠକରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ନୈନି କୋଇଲା ଖଣିରୁ କଣିହାଁ ଜେଆଇଟିପିଏଲକୁ ଛେଣ୍ଡିପଦା, ଡାଇଭର, କଙ୍କୁରପାଳ, ଚାଙ୍ଗୁଡ଼ିଆ ଗ୍ରାମ ଦେଇ କୋଇଲା ପରିବହନ ପାଇଁ ଅନୁଗୋଳ ଜିଲ୍ଲାପାଳ ନିର୍ଦ୍ଦେଶ ଜାରି କରିଥିଲେ । ଏହି ଖବର ପ୍ରକାଶ ପରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା । ଏନେଇ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ୪ ଗ୍ରାମର



ଗ୍ରାମ୍ୟ କମିଟି ଓ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ବ୍ଲକ ସଭାଗୃହରେ ଛେଣ୍ଡିପଦା ତହସିଲଦାର ମାନସ ରୟଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟଙ୍କ ସମେତ ଟ୍ରକ ମାଲିକ ସଙ୍ଘ, ୪ ଗ୍ରାମର ସଭାପତି, ସରପଞ୍ଚ, ସମିତି ସଭ୍ୟ ଓ ବହୁ ଗ୍ରାମବାସୀ ଯୋଗଦେଇଥିଲେ । ବୈଠକ ପ୍ରାରମ୍ଭରୁ ଜନ ପ୍ରତିନିଧିମାନେ ଗାଁ ରାସ୍ତା ଦେଇ କୋଇଲା ଗାଡ଼ି ଚଳାଚଳକୁ ତୀବ୍ର ବିରୋଧ କରିଥିଲେ । ଯଦି ପ୍ରଶାସନ ଗାଡ଼ି ଚଳାଚଳ କରେ ତେବେ ଲୋକଙ୍କ ଉପରେ ଟ୍ରକ ଚଢ଼ାଇ ନେବା ପାଇଁ ଗ୍ରାମ୍ୟ କମିଟିଠାରୁ ଆରମ୍ଭ କରି ଯୋଗ ଦେଇଥିବା ଲୋକ ପ୍ରତିନିଧି ମତ ଦେଇଥିଲେ । ଫଳରେ ସମନ୍ୱୟ ବୈଠକରେ ଉତ୍ତେଜନାତ୍ମକ ସ୍ଥିତି ଉପୁଜିଥିଲା । ଲୋକଙ୍କ ଦାବି ଅନୁଯାୟୀ ତହସିଲଦାର କୋଇଲା ପରିବହନ ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିବା ସହ ବୈଠକ ଶେଷ ହୋଇଥିଲା ।

# ବିଭିନ୍ନ ସ୍ଥାନରେ ମହାଶିବରାତ୍ରୀ

ନାଉଗାଁ,୧୫।୨(ସମିସ)

ନାଉଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମହାଶିବରାତ୍ରୀ ଅନୁଷ୍ଠିତ ହୋଇଯାଇଛି। ନନ୍ଦିଗ୍ରାମର ନନ୍ଦକେଶ୍ୱର ମହାଦେବ, ଗଜରାଜପୁର ସ୍ଥିତ ତୁମ୍ବେଶ୍ୱର, ଗଙ୍ଗଦା ସ୍ଥିତ ମାଉଳାଭଣଜା, ଘୋଡାଂଶ ସ୍ଥିତ ଘୋଡ଼େଶ୍ୱର, ବଛାଲୋ ସ୍ଥିତ ସିଦ୍ଧେଶ୍ୱର, ନାଉଗାଁସ୍ଥିତ ସାଧୁଗୋସ୍ୱାମି ପୀଠ ସମେତ ବ୍ଲକରେ ଅବସ୍ଥିତ ସମସ୍ତ ଶୈବପୀଠ ଗୁଡିକରେ ମହାଶିବରାତ୍ରୀ ଉପଲକ୍ଷେ ଜାଗରଯାତ୍ରା ଅନୁଷ୍ଠିତ ହେଉଅଛି। ଏହି ଅବସରରେ ଉକ୍ତ ବ୍ଲକର



ସର୍ବପ୍ରାଚୀନ ତଥା ପ୍ରସିଦ୍ଧ ଶୈବପୀଠ ନନ୍ଦିଗ୍ରାମର ନନ୍ଦମଣୀଙ୍କ ପୀଠରେ ଏହି ଯାତ୍ରା ବେଶ୍ ଧୁମଧାମର ସହିତ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ସେହିପରି ସମସ୍ତ ପୀଠ ଗୁଡିକରେ ରଙ୍ଗବେରଙ୍ଗର ଆଲୋକମାଳା ସହିତ ମନ୍ଦିର ଗୁଡିକୁ ସାଜସଜ୍ଜା କରାଯାଇଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ଯାତ୍ରା ଦେଖିବାକୁ ପ୍ରତ୍ୟେକ ସ୍ଥାନରେ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି।

ପାରାଦୀପ ବନ୍ଦରର ରେକର୍ଡ

# ଗୋଟିଏ ଦିନରେ ସର୍ବାଧିକ ତାପଜ କୋଇଲା ଖଲାସ

ପାରାଦୀପ,୧୫।୨(ସମିସ): ଓଡ଼ିଶା ପଣ୍ୟ ପରିଚାଳନାରେ ପାରାଦୀପ ବନ୍ଦର ପ୍ରାଧିକରଣ ସର୍ବଭାରତୀୟ ସ୍ତରରେ ରେକର୍ଡ ଭାଙ୍ଗିବା ଧାରା ଜାରି ରଖିଛି। ଏହି କ୍ରମରେ ଗୋଟିଏ ଦିନରେ ସର୍ବାଧିକ ତାପଜ କୋଇଲା ଖଲାସ କରି ପାରାଦୀପ ବନ୍ଦର ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଛି। ଚଳିତ ଫେବୃଆରୀ ୧୪ ତାରିଖରେ ସଫଳତାର ସହ ୪୭ଟି ରେକ୍ ଅନଲୋଡ୍ କରାଯାଇ ୪୧ଟି ବଗି ଓପନ୍ ବଟମ୍ ରାପିଡ୍ ଡିସଚାର୍ଜ (ବିଓବିଆରଏନ) ରେକ୍, ୬ଟି ବଗି ଓପନ୍ ହାଇ ସାଇଡେଡ୍ (ବିଓଏକ୍ସଏନ) ରେକ୍‌ରୁ ତାପଜ କୋଇଲା ଖଲାସ କରାଯାଇଥିଲା। ଏହି ସଫଳତା ହାସଲ ପରେ ପାରାଦୀପ ବନ୍ଦର



ଅଧ୍ୟକ୍ଷ ପି.ଏଲ.ହରନାଦ ସମସ୍ତ କର୍ମଚାରୀ ଓ ସହଯୋଗୀଙ୍କୁ ସେମାନଙ୍କ ଉତ୍ସର୍ଗତା ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଏହି ମାଇଲଖୁଣ୍ଟ କେବଳ ଏକ ସଂଖ୍ୟା ନୁହେଁ ବରଂ ବନ୍ଦରରେ ବର୍ତ୍ତମାନ ଥିବା ନିରନ୍ତର ପ୍ରୟାସ, ଯତ୍ନବାନ ଯୋଜନା ଏବଂ ଦୃଢ଼ କାର୍ଯ୍ୟକ୍ଷମ ଭିତ୍ତିଭୂମିର ଏକ ପ୍ରମାଣ। କାର୍ଯ୍ୟକ୍ଷମ ସମୟକୁ ଅନୁକୂଳତମ କରି ଏବଂ ପଣ୍ୟ ପରିଚାଳନା ପ୍ରକ୍ରିୟାକୁ ସୁଗମ କରି ପାରାଦୀପ ବନ୍ଦର ଭାରତର ଶକ୍ତି ଯୋଗାଣ ଶୃଙ୍ଖଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଚାଲିଛି।

## ଅଲକା ଆଶ୍ରମରେ ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ



ଜଗତସିଂହପୁର,୧୫।୨(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଚାତ୍ରା ଠାରେ ଥିବା ଐତିହାସିକ ଅଲକା ଆଶ୍ରମ ପରିସରରେ ଓଡିଶା ମାଟିର ଅନ୍ୟତମ ବରପୁତ୍ର ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଶ୍ରମର ଉପସଭାପତି ଭଗବାନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ନନ୍ଦଙ୍କ ରଚିତ 'ଆହେ ଦୟାମୟ ବିଶ୍ୱ ବିହାରୀ' ପ୍ରାର୍ଥନା ସଙ୍ଗୀତ ଗାନ କରାଯାଇଥିଲା। ଏଥିରେ ଆବାହକ ଅଧ୍ୟାପକ ନୀରଞ୍ଜନ ବିଶ୍ୱାଳ, ପ୍ରତାପ ଲେଙ୍କା, ଉତ୍କଳ ରଞ୍ଜନ ମହାନ୍ତି, ଭଗବାନ ଦାଶ, ବିଜୟ କୁମାର ରଥ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଲାଲା ସଂଗ୍ରାମ କେଶରୀ ରାୟ ଏବଂ ସବିତା ମହାନ୍ତି ପ୍ରମୁଖ ଯୋଗଦେଇ ରାମକୃଷ୍ଣ ନନ୍ଦଙ୍କ କର୍ମମୟ ଜୀବନ ଏବଂ ନୀତି ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଆଜିର ଯୁବପିଢ଼ି ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଏହି କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଥିଲା।

## ଇଫ୍‌କୋର ଗୋସେବା କାର୍ଯ୍ୟକ୍ରମ

ପାରାଦୀପ,୧୫।୨(ସମିସ): ପାରାଦୀପ ଇଫ୍‌କୋ କାରଖାନା ପକ୍ଷରୁ କୋପରେଟିଭ ରୁରାଲ ଡେଭଲପମେଣ୍ଟ ଟ୍ରଷ୍ଟ ସହାୟତାରେ ଗୋସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ତାରେଣୀଗଡା ସ୍ଥିତ ମା' ଶାରଳା ଗୋ-ସେବା ଆଶ୍ରମ ପରିସରରେ ଥିବା ୨୧୪ଟି ଗୋମାତା ଓ ନନ୍ଦୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ସେମାନଙ୍କୁ ଔଷଧ ଓ ଟିକା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଇଫ୍‌କୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, କୋପରେଟିଭ ରୁରାଲ ଡେଭଲପମେଣ୍ଟ ଟ୍ରଷ୍ଟର ଅଧ୍ୟକ୍ଷ କୁଳମଣି ମାଝୀ, ମାଇକ୍ରୋ ବାୟୋଲୋଜିଷ୍ଟ ଅଫିସର ଅଭ୍ରୋ ଦେ, ମା' ଶାରଳା ଗୋସେବା ଆଶ୍ରମର ସମ୍ପାଦକ ମହନ୍ତ ମହାରାଜ ରମେଶ ଦାସ, ପାରାଦୀପ ପଶୁସମ୍ପଦ ଅଧିକାରୀ ଡାକ୍ତର ନିରଞ୍ଜନ ବେହେରା, ବାବା ପ୍ରଶାନ୍ତ ଦାସ, ଗୋଶାଳା ଆଶ୍ରମର ସଦସ୍ୟ ଅରୁଣ କୁମାର ଓଝା ପ୍ରମୁଖ ଯୋଗଦେଇଥିଲେ। ପ୍ରାଣିସମ୍ପଦ ଅଧିକାରୀ



ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଆଶ୍ରମ ପରିସରରେ ରହୁଥିବା ୨୧୪ଟି ଗୋମାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ଔଷଧ ଦେଇ ଚିକିତ୍ସା କରିଥିଲେ। ଏହି ଗୋସେବା ଆଶ୍ରମ ଗତ ୧୦ ବର୍ଷ ହେଲା ପାରାଦୀପ, ଜଗତସିଂହପୁର ଓ କେନ୍ଦ୍ରାପଡା ଅଞ୍ଚଳରେ ଦୁର୍ଘଟଣାର ଶିକାର ହେଉଥିବା ଗୋମାତା ଓ ଷଣ୍ଢମାନଙ୍କୁ ଆଣି ଚିକିତ୍ସା କରିବା ସହିତ ସେମାନଙ୍କୁ ଆଶ୍ରମ ପରିସରରେ ରଖି ସେବା କରାଯାଉଛି। ଗତ ଜାନୁଆରୀ ମାସରେ ମହାନଦୀର ଏକ ଟାପୁରୁ ଭୋକ ଉପାସରେ ଥିବା ୬୯ଟି ଗୋମାତା ଓ ନନ୍ଦୀଙ୍କୁ ଉଦ୍ଧାର କରି ଆଶ୍ରମ ପରିସରରେ ରଖି ସେମାନଙ୍କୁ ଚିକିତ୍ସା କରିବା ସହିତ ଖାଦ୍ୟ ଦେଇ ରଖାଯାଇଛି। ଗୋଶାଳା ପ୍ରତି ଇଫକୋର ପ୍ରବନ୍ଧ ନିର୍ଦ୍ଦେଶକ କେଜେ ପଟେଲ ଓ ଇଫିକୋ ୟୁନିଟ୍ ମୁଖ୍ୟ ପିକେ ମହାପାତ୍ରଙ୍କ ସହଯୋଗକୁ ଗୋଶାଳା ସମ୍ପାଦକ ମହନ୍ତ ମହାରାଜ ରମେଶ ଦାସ ଓ ସଦସ୍ୟ ଅରୁଣ ଓଝା ପ୍ରଶଂସା କରିଥିଲେ।

## ଲାଥାଙ୍ଗ ସତସଙ୍ଗ କେନ୍ଦ୍ରର ବାର୍ଷିକ ଉତ୍ସବ

କୁଜଙ୍ଗ,୧୫।୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗରେଇ ପଞ୍ଚାୟତ ଲଥାଙ୍ଗ ସତସଙ୍ଗ କେନ୍ଦ୍ରର ବାର୍ଷିକ ସତସଙ୍ଗ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦିବସ ବ୍ୟାପୀ ଏହି ଉତ୍ସବରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଲାଥାଙ୍ଗ ବାରୁଣୀ ଯାତ୍ରା ପଡିଆରେ ପ୍ରତ୍ୟୁଷରୁ ବେଦମାଙ୍ଗଳିକୀ, ଉଷାକୀର୍ତ୍ତନ ସମବେତ ବିନତି ପ୍ରାର୍ଥନା, ପ୍ରଣାମ ଏବଂ ଧର୍ମଗ୍ରନ୍ଥାଦି ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଶୋଭାଯାତ୍ରା ଓ ନଗରକୀର୍ତ୍ତନ ମଧ୍ୟାହ୍ନ, କିଶୋର ସତସଙ୍ଗ, ମାତୃ ସମ୍ମେଳନ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ହୃଷୀକେଶ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଭଜନ, କୋରସ, କୀର୍ତ୍ତନ, ସଦା ଆଲୋଚନାରେ ସ୍ମରଜିତ୍ ଶତପଥୀ, ସତ୍ୟଜିତ ଶତପଥୀ, ଧୃତିକାମ ରାଜଗୁରୁ, ଜ୍ୟୋତ୍ସ୍ନା ଆଚାର୍ଯ୍ୟ, ଦେବାଂଶୁ ପଣ୍ଡା, ରୁଦ୍ରନାରାୟଣ କର, ଅଶ୍ୱିନୀ ସାହୁ, କୁଳମଣି ବାରିକ ପ୍ରମୁଖ ଭାଗ ନେଇଥିଲେ। ସତସଙ୍ଗ କେନ୍ଦ୍ରର ନୀରଦ କୁମାର ଆଚାର୍ଯ୍ୟ, ଦୀପକ ରଞ୍ଜନ ରାଜଗୁରୁ, ମହେଶ୍ୱର ରାଉତ, ଗୌରାଙ୍ଗ ଚରଣ ସାହୁ, ରଜତ କୁମାର ଶତପଥୀ, ବିନୋଦ ଲେଙ୍କା, ବିନୋଦ ଆଚାର୍ଯ୍ୟ, ଡ. ନନ୍ଦଦ୍ୟୁତି ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ।

## ଓକିଲ ସଂଘ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ



ଜଗତସିଂହପୁର,୧୫।୨(ସମିସ): ଜିଲ୍ଲା ଓକିଲ ସଂଘ ପକ୍ଷରୁ ଆୟୋଜିତ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ମ୍ୟାଚ୍ ଉଦଘାଟନ କରିଥିଲେ। ସିନିୟର୍ ଓ ଜୁନିୟର୍ ଆଇନଜୀବୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚରେ ବିଧାୟକ ସିନିୟର୍ ଦଳ ପକ୍ଷରୁ ଖେଳି ୧୪ ରନ୍ ସଂଗ୍ରହ କରିବା ସହିତ ବୋଲିଂ କରି ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ପ୍ରକାଶ ଥାଉକି ବିଧାୟକ ଶ୍ରୀ ଦାସ ଜିଲ୍ଲା ଓକିଲ ସଂଘର ଜଣେ ସଭ୍ୟ ଭାବରେ ଆଗରୁ ମଧ୍ୟ ଓକିଲ ସଂଘ ପକ୍ଷରୁ ମ୍ୟାଚ୍ ଖେଳିଛନ୍ତି।

## ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ଜଗତସିଂହପୁର,୧୫।୨(ସମିସ): ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଆଶ୍ରମପାଟଣା ସ୍ଥିତ ଆଶ୍ରମପାଟଣା ଭଲିବଲ ୟୁନିଅନ ଏବଂ ପ୍ରଫୁଲ ପାଠାଗାର ମିଳିତ ଆନୁକୂଲ୍ୟରେ ଆୟୋଜିତ ୩୩ତମ ରାଜ୍ୟସ୍ତରୀୟ ଦିବାରାତ୍ର ବାଳକ/ବାଳିକା ବର୍ଗର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନ ସମାରୋହରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଖଇରଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ଲିପକ କୁମାର ସାହୁ, କଳ୍ପନା ମହାନ୍ତି, ସର୍ଜନ ସିଂହ, ଆଶ୍ରମପାଟଣା ଭଲିବଲ ୟୁନିଅନର ମୁଖ୍ୟ ଉପଦେଷ୍ଟା ତଥା ସମାଜସେବୀ ନିରଞ୍ଜନ ଦାଶ, ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ବିଜୟ କୁମାର ପତି, ସୁରେନ୍ଦ୍ର କୁମାର ରାୟ, ପ୍ରଶାନ୍ତ କୁମାର ଦାଶ, ସମାଜସେବୀ ରାଜେନ୍ଦ୍ର ଲେଙ୍କା, ମହେଶ ପ୍ରସାଦ ମିଶ୍ର, ଡାକ୍ତର ଦର୍ଶନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବାଳକ ବର୍ଗ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଆଶ୍ରମପାଟଣା ଭଲିବଲ ୟୁନିଅନ ଓ ମାଖୁନ ମାଇନ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ୬ଟି ଶ୍ରେଷ୍ଠ ଟିମ ଅଂଶ ଗ୍ରହଣ କରିଥିଲେ। ଏହି ଖେଳକୁ ରେଫରୀ ଗଗନ ଭଞ୍ଜ ଏବଂ ଚନ୍ଦନ ଚଇନ ପରିଚାଳନା କରିଥିଲେ। କରନ ଖାନ ଏବଂ ପପୁନି ରାୟ ଖେଳର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଅଞ୍ଜନ କୁମାର ରାୟ ସ୍କୋରର ଥିଲେ। ଫାଇନାଲ ମ୍ୟାଚରେ ରେନବୋ କ୍ଲବ ଭୁବନେଶ୍ୱରକୁ ୨-୧ ସେଟରେ ହରାଇ ଓଡିଶା ସ୍ୱାଇକର ନାଳିବର ବାଳକ ବର୍ଗର ଚାମ୍ପିଅନ ହୋଇଛି। ଏହି ଅବସରରେ ଦେବୀ ପ୍ରସାଦମହାନ୍ତି ଓ ପୁଷ୍ପାଞ୍ଜଳି ସାହୁଙ୍କୁ କ୍ରୀଡ଼ାରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା।

## ମେଧାବୃତ୍ତି ପରୀକ୍ଷାରେ ଶିଶୁ ବିଦ୍ୟାମନ୍ଦିରର ସଫଳତା

ପାରାଦୀପ,୧୫।୨(ସମିସ): ବିଭିନ୍ନ ମେଧାବୃତ୍ତି ପରୀକ୍ଷାରେ ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଯୋଜିତ ଶିକ୍ଷାବର୍ଷ ୨୦୨୪-୨୫ରେ ତୃତୀୟ ଓ ପଞ୍ଚମ ଶ୍ରେଣୀର ସରକାରୀ ବୃତ୍ତି (ସ୍କଲାରଶିପ)ରେ ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ରୀ ଶୁଭଲକ୍ଷ୍ମୀ ପଣ୍ଡା, ସଞ୍ଜୁଶ୍ରୀ ବରିସଲ, ଶ୍ରୀୟା ସୁଦର୍ଶନୀ ବଳ, ଶ୍ରୀୟାଂଶୀ ଜେନା, ପଞ୍ଚମ ଶ୍ରେଣୀର ଶ୍ରୀରାମଚନ୍ଦ୍ର ପ୍ରଧାନ, ସାଇ ଶୁଭଙ୍କର, ସାଇଶ୍ରୀ ପରିଡ଼ା, ଅନ୍ୱେଷା ନାୟକ ସଫଳ ହୋଇଛନ୍ତି। ସେହିପରି ୨୦୨୪-୨୫ ଶିକ୍ଷାବର୍ଷର ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ଷଷ୍ଠ ଶ୍ରେଣୀର (ଷ୍ଟେଜ-୧)ରେ ପ୍ରିୟାଂଶୁ ତ୍ରିପାଠୀ, ଲିପ୍ସା ଦାସ, କରନ୍ ରାଉତ, (ଷ୍ଟେଜ-୨) ନବମ ଶ୍ରେଣୀରେ ପ୍ରଜ୍ଞାଶା ସାହୁ, ଶ୍ରୀକାନ୍ତ ପାତ୍ର, ସ୍ୱୟଂସିଦ୍ଧା ଦାଶ, ମୈତ୍ରିସୁଧା ମହାନ୍ତି ଓ ୨୦୨୩-୨୪ ଶିକ୍ଷାବର୍ଷର ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ଷଷ୍ଠଶ୍ରେଣୀର (ଷ୍ଟେଜ-୧) ସୋମନାଥ ଜେନା, ସମୀକ୍ଷା ଖଣ୍ଡାୟତରାୟ, ସୋମ୍ୟଜିତ୍ ମହାନ୍ତି, ଓମ୍ ପ୍ରକାଶ ସାହୁ, ଶୁଭଶ୍ରୀ ସାହୁ, ହାର୍ଦ୍ଦିକ ପ୍ରିୟାଂଶୁ ବେଉରା, ଆୟୁଷ ମଲ୍ଲିକ ଓ (ଷ୍ଟେଜ-୨) ନବମ ଶ୍ରେଣୀରେ ମୋହନ ପୃଷ୍ଟି, ଜାହ୍ନବୀ ପ୍ରଧାନ, ରୁଦ୍ରନାରାୟଣ ପରିଡ଼ା, ସ୍ୱାତୀ ଷଡ଼ଙ୍ଗୀ ପ୍ରମୁଖ କୃତିତ୍ୱ ହାସଲ କରିଛନ୍ତି।

## ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ

ଜଗତସିଂହପୁର,୧୫।୨(ସମିସ): ଜଗତସିଂହପୁର ପୌର ପରିଷଦ ଅନ୍ତର୍ଗତ କଲେଜ ଛକରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ ହୋଇଯାଇଛି। କଲେଜ ଛକ ସ୍ଥିତ ଶିବପାର୍ବତୀ ପୂଜା ମଣ୍ଡପର ସୌନ୍ଦର୍ଯ୍ୟକରଣ, ବିଶ୍ରାମ ଗୃହର ନବୀକରଣ, ଥଣ୍ଡା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଏବଂ ସୁଉଚ୍ଚ ଆଲୋକୀକରଣ କାର୍ଯ୍ୟକୁ ବିଧାୟକ ଅମରେନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ, ୭ନଂ. ପାରିଷଦ ଗୋଲାମ ଅଲ୍ଲୀ ଖାଁଙ୍କ ସମେତ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ବନ୍ଦର ନିଷିଦ୍ଧାଞ୍ଚଳରେ ଅଗ୍ନିକାଣ୍ଡ

ପାରାଦୀପ, ୧୫।୨ (ସମିସ): ବିଳମ୍ବିତ ରାତିରେ ବନ୍ଦର ନିଷିଦ୍ଧାଞ୍ଚଳରେ ଘଟି ଯାଇଛି ଏକ ଭୟାବହ ଅଗ୍ନିକାଣ୍ଡ। ଏହି ଅଗ୍ନିକାଣ୍ଡରେ ରେଲୱେ ୱାଗନରେ ବନ୍ଧା ଯିବାକୁ ଥିବା ଲକ୍ଷାଧିକ ଟଙ୍କାର ଜରି ପାଲ ପୋଡ଼ି ନଷ୍ଟ ହୋଇଯାଇଛି। ବନ୍ଦରର ୧୪ ନମ୍ବର ଲାଇମଷ୍ଟୋନ ପ୍ଲଟ ନିକଟରେ ଘଟିଛି ଏହି ଘଟଣା। ହାଇମାକ୍ସ ବିଦ୍ୟୁତ ଖୁଣ୍ଟରେ ସଟ୍‌ସର୍କିଟ ଯୋଗୁଁ ନିଆଁ ଝୁଲା ଜରି ପାଲ ଉପରେ ପଡ଼ି ଜରିରେ ନିଆଁ ଲାଗିଥିବା ସୂଚନା ମିଳିଛି। ଖବର ପାଇ ଘଟଣାସ୍ଥଳରେ ବନ୍ଦର ସିଆଇଏସ୍‌ଏଫ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ଲାଇମଷ୍ଟୋନ ପ୍ଲଟରୁ ଲାଇମଷ୍ଟୋନ ପରିବହନ ବନ୍ଦ ଥିବାରୁ ଘଟଣାସ୍ଥଳରେ ହାଇୱା ଗାଡ଼ି କୌଣସି ଲୋକ ନଥିବାରୁ ଏକ ବଡ଼ ଅଘଟଣାରୁ ବର୍ତ୍ତି ଯାଇଛନ୍ତି ଡ୍ରାଇଭର ଓ ହାଇୱା।

## ନିମନ୍ତ୍ରଣ କପ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ପାରାଦୀପ,୧୫।୨(ସମିସ): ପାରାଦୀପ ଗଲ୍ଫ କ୍ଲବର ବାର୍ଷିକ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଦୁଇ ଦିନ ଧରି ପାରାଦୀପ ପୋର୍ଟ ଗଲ୍ଫ କୋର୍ସରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ପାରାଦୀପ ଗଲ୍ଫ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଟି. ଭେନୁଗୋପାଳ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶାର ପୂର୍ବତନ ମୁଖ୍ୟ ସଚିବ ଅସିତ କୁମାର ତ୍ରିପାଠୀ ଏବଂ ବନ୍ଦର ପରାମର୍ଶଦାତା (ଟ୍ରାଫିକ୍) ଏକେ ବୋଷ ଅନ୍ୟାନ୍ୟ ବିଭାଗ ମୁଖ୍ୟଙ୍କ ସହିତ ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ପାରାଦୀପ ଗଲ୍ଫ କ୍ଲବର ଅକ୍ଷୟ ଚନ୍ଦ୍ର ସୂତାର ହ୍ୟାଣ୍ଡିକ୍ୟାପ୍ (୦-୧୦) ବର୍ଗରେ ଚାମ୍ପିଅନ୍ ହୋଇଥିଲେ। ଭୁବନେଶ୍ୱର ଗଲ୍ଫ କ୍ଲବର ଡ. ଦେବଦର୍ଶୀ ରଥ ହ୍ୟାଣ୍ଡିକ୍ୟାପ୍ (୧୧-୧୯) ବର୍ଗରେ ଚାମ୍ପିଅନ୍ ହୋଇଥିଲେ। ପାରାଦୀପ ଗଲ୍ଫ କ୍ଲବର ରଞ୍ଜିତ କୃଷ୍ଣ ବୋମାଲି ହ୍ୟାଣ୍ଡିକ୍ୟାପ୍ (୨୦-୨୪) ବର୍ଗରେ ଚାମ୍ପିଅନ୍ ଟାଇଟଲ୍ ଜିତିଥିଲେ। ଭୁବନେଶ୍ୱର ଗଲ୍ଫ କ୍ଲବର ଶାଶ୍ୱତ ପଣ୍ଡା ଶ୍ରେଷ୍ଠ ଗ୍ରସ୍ ପୁରସ୍କାର ପାଇଛନ୍ତି। ପାରାଦୀପ ଗଲ୍ଫ କ୍ଲବର ସଭାପତି ସୁଶୀଲ ଚନ୍ଦ୍ର ନାହାକ, କାର୍ଯ୍ୟକାରୀ ସଭାପତି ଡ. ଦୁର୍ଗା ପ୍ରସାଦ ସେଠୀ, କ୍ୟାପଟେନ୍ ଏସି ସୁତାର ଏବଂ ସଚିବ ମନୋଜ ମହନ୍ତ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଭାରତର ବିଭିନ୍ନ ସ୍ଥାନରୁ ୭ଟି ପ୍ରମୁଖ ଗଲ୍ଫ କ୍ଲବର ମୋଟ ୭୧ ଜଣ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ।

## ସଫଳ କ୍ରୀଡ଼ାବିତମାନଙ୍କୁ ସମ୍ବର୍ଦ୍ଧନା

ଜଗତସିଂହପୁର,୧୫।୨(ସମିସ): ଚଳିତ ବର୍ଷ କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ଆନ୍ତ ଜିଲ୍ଲା କ୍ରୀଡ଼ା ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବୟସ ବର୍ଗର ବାଳକ ବାଳିକା ହାମର ଥ୍ରୋ, ଡିସକସ ଥ୍ରୋ, ସଟପୁଟ, ହାଇଜମ୍ପ, ଲଙ୍ଗଜମ୍ପ ପ୍ରଭୃତିରେ ଭାଗନେଇ ୧୨ ଜଣ ପିଲା ୧୫ଟି ପଦକ ହାସଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ କୃତିତ୍ୱ ଅର୍ଜନ କରିଥିବା କ୍ରୀଡ଼ାବିତ ସ୍ୱାଧୀନ ବେହେରା, ଅଭିନନ୍ଦନ ସ୍ୱାଇଁ, ଗୁରୁପୂଜା ପରିଜା, ତନ୍ମୟୀ ସିଂ, ଶୁଭଶ୍ରୀ ପରିଡା, ସମୀକ୍ଷା ଦାସ, ସ୍ୱପ୍ନାଶ୍ରୀ ଜେନା, ଜୋତ୍ସ୍ନା ପ୍ରିୟଦର୍ଶିନୀ ସାହୁ ଏବଂ ଅମିଶା ପ୍ରିୟଦର୍ଶିନୀ ଲେଙ୍କାଙ୍କୁ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସାମ୍ମାନିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୋଚ ଧର୍ମେନ୍ଦ୍ର ଦାସ, ମ୍ୟାନେଜର ସୁଚିସ୍ମିତା ବିଶ୍ୱାଳ, ଅଫିସିଆଲ ରାଜଶ୍ରୀ ସୁନ୍ଦର ରାୟଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ବିଧାୟକ ସମ୍ମାନିତ କରିଥିଲେ।

## ଡିଏଭି ପବ୍ଲିକ୍ ସ୍କୁଲରେ ମେଗା ରକ୍ତଦାନ ଶିବିର

ପାରାଦୀପ,୧୫।୨(ସମିସ): ପାରାଦୀପ ପୌରାଞ୍ଚଳ ମଧ୍ୟରେ ଥିବା ଡିଏଭି ପବ୍ଲିକ୍ ସ୍କୁଲ୍, ପାରାଦୀପ ପୋର୍ଟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ପାରାଦୀପ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବିଦ୍ୟାଳୟ ପରିସରରେ ଆଜି ଆୟୋଜିତ ଏହି ରକ୍ତଦାନ ଶିବିରରେ ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି ଓ ଏଥିରେ ମୁଖ୍ୟ ଅତିଥି ଭାବେ ଡ. ପ୍ରିତମ ଜେନା (ମେଡିକାଲ୍ ଅଫିସର, ସେଣ୍ଟ୍ରାଲ ରେଡକ୍ରସ ବ୍ୟାଙ୍କ, କଟକ) ଯୋଗ ଦେଇ ଶିବିରର ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ରକ୍ତଦାନ ଶିବିରକୁ ପରିଚାଳନା କରିବା ସହ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ଅନେକ ଅଭିଭାବକ, ଅଭିଭାବକଙ୍କ ସମ୍ପର୍କୀୟ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର ମୁଖ୍ୟମାନେ ରକ୍ତଦାନ ଭଳି ମହତ କାର୍ଯ୍ୟରେ ଭାଗ ନେଇଥିଲେ। ପରେ ପ୍ରତ୍ୟେକ ରକ୍ତଦାତାଙ୍କୁ ରକ୍ତଦାନର ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।



## ପୁନଙ୍ଗ ସାଇ ସଂଗଠନର ବାର୍ଷିକ ଉତ୍ସବ

ଜଗତସିଂହପୁର,୧୫।୨(ସମିସ): ଶ୍ରୀସତ୍ୟସାଇ ସେବା ସମିତି ପୁନଙ୍ଗ ଆନୁକୂଲ୍ୟରେ ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ତଥା ରାଜ୍ୟର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ପ୍ରଥମେ ସଂଗଠନର ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ ଶୁଭ ଉଦ୍‌ଘାଟନ କରିଥିଲେ। ତତ୍ ସହିତ ସଂଗଠନର ରାଜ୍ୟ ଆଧ୍ୟାତ୍ମିକ ସଂଯୋଜିକା ପୁଷ୍ପମିତ୍ରା ମହାନ୍ତି, ଜିଲ୍ଲା ଆଧ୍ୟାତ୍ମିକ ସଂଯୋଜକ ଚିତ୍ତରଞ୍ଜନ ଜେନା, ରାଜ୍ୟ ପାଦୁକା ଯାତ୍ରା କାର୍ଯ୍ୟନିର୍ବାହ ସୁବ୍ରତ ରାଉତ, ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଅମିୟ ମହାନ୍ତି, ଯୁବ ସଂଯୋଜକ ମନୋରଞ୍ଜନ ମାଝୀ, ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ଓତା, ପ୍ରିୟ ଭାଇ ଓ ବଦ୍ରିନାଥ ଶତପଥୀ ଯୋଗଦେଇଥିଲେ। ସତ୍ୟସାଇ ସଂଗଠନର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବାଳ ବିକାଶ ପିଲାମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ସମିତି ଆବାହକ କବିଚନ୍ଦ୍ର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରତାପ ମହାନ୍ତି ବାର୍ଷିକ ବିବରଣୀ ପଠନ କରିଥିଲେ। ରଜନୀକାନ୍ତ ଚୌଧୁରୀ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶଶିରେଖା ବେହେରା, ଗୌରୀ ବେହେରା, ଅଞ୍ଜନା ଦାସ, ରଶ୍ମିରେଖା ସାହୁ, ନିର୍ମଳା ବେହେରା, କ୍ରିଷ୍ଣା ଦତ୍ତ, ସ୍ମୃତିରଞ୍ଜନ ବେହେରା, ମହେନ୍ଦ୍ର ମଲ୍ଲିକ, ନିହାର ମହାନ୍ତି, କ୍ଷେତ୍ରମୋହନ ମଲ୍ଲିକ, କୃଷ ଦାସ, ରବୀନ୍ଦ୍ର ଦାସ, ରାମକୃଷ୍ଣ ଦାସ, କମଳାକାନ୍ତ ମହାପାତ୍ର, ପରମଜିତ୍ ପଶାୟତ, ବେଣୁଧର ରାଉତ, ସାଇ ନାରାୟଣ ବେହେରା ଓ ସାଇକୃଷ୍ଣ ମହାନ୍ତି ସହଯୋଗ କରିଥିଲେ।

# ୧୩ ଶହ ଚାଷୀଙ୍କୁ ଧାନ ଚାଷ ପାଇଁ ପ୍ରୋତ୍ସାହନ




ପାରାଦୀପ,୧୫।୨(ସମିସ)

ପାରାଦୀପରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲର ଜୀବିକା କାର୍ଯ୍ୟକ୍ରମ ହିତାଧିକାରୀଙ୍କ ମଧ୍ୟରେ ପ୍ରଭାବ ସୃଷ୍ଟି କରିଛି। ଜଗତସିଂହପୁର ଜିଲ୍ଲାରେ, ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ସିଏସ୍‌ଆର କାର୍ଯ୍ୟକଳାପ ଆଇଏସପି ପ୍ରକଳ୍ପର ଡିଆଇଜେଡ୍ ଗ୍ରାମ, ମୁଖ୍ୟତଃ ଗଡକୁଜଙ୍ଗ, ନୂଆଗାଁ, ଢିଙ୍କିଆ ଏବଂ ଅନ୍ୟ କେତେକ ନିକଟବର୍ତ୍ତୀ ଗ୍ରାମ ଉପରେ ଧ୍ୟାନ ଦେଇଛି। ବିଶେଷ କରି କୃଷକମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟ ରଖି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବିଶେଷଜ୍ଞଙ୍କ ସହଯୋଗରେ ଗ୍ରାମ ସ୍ତରରେ ଦକ୍ଷତା ବିକାଶ ଏବଂ ତାଲିମ କାର୍ଯ୍ୟକ୍ରମ କୃଷକ ଏବଂ ମହିଳା ହିତାଧିକାରୀଙ୍କ ଉତ୍ପାଦର ଉତ୍ପାଦନ ଏବଂ ବିପଣନ ସମ୍ବନ୍ଧରେ ଜ୍ଞାନ ଆଧାରରେ ଉଲ୍ଲେଖନୀୟ ଉନ୍ନତି ଆଣିବାରେ ସାହାଯ୍ୟ କରିଛି। ଉଲ୍ଲେଖଯୋଗ୍ୟ ସମସ୍ତ କାର୍ଯ୍ୟକଳାପ ମଧ୍ୟରେ ଧାନ ଚାଷ ପାଇଁ ପ୍ରାୟ ୧୩୦୦ ଚାଷୀଙ୍କୁ ବିହନ, ସାର ଯୋଗାଇ ଦିଆଯାଇଛି। ଜିଲ୍ଲାରେ, ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ୨୦୨୨ ମସିହାରୁ ଜୀବିକା ପ୍ରୋତ୍ସାହନ ପ୍ରକଳ୍ପ କାର୍ଯ୍ୟକାରୀ କରିଛି ଯାହା ଏରାସାମା ବ୍ଲକର ଢିଙ୍କିଆ ଚାରିଦେଶରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲର ସମନ୍ୱିତ ଇସ୍ପାତ କାରଖାନା ପ୍ରକଳ୍ପ ହେତୁ ପରୋକ୍ଷରେ ପ୍ରଭାବିତ ପରିବାରକୁ ବିକଳ୍ପ ଜୀବିକା ଯୋଗାଇବା ପାଇଁ କାର୍ଯ୍ୟକାରୀ କରିଛି। ଏହି ଜୀବିକା ପ୍ରକଳ୍ପ ଅଧୀନରେ ଏକ ଉତ୍ସର୍ଗୀକୃତ ପ୍ରକଳ୍ପ ଦଳ ନିଯୁକ୍ତ କରାଯାଇଛି ଯାହା ପିରାମିଡର ନିମ୍ନ ଭାଗରେ ଥିବା ହିତାଧିକାରୀଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବ ଏବଂ ପ୍ରକଳ୍ପ ଗୁଡ଼ିକୁ ଚିହ୍ନଟ ଏବଂ ଅଂଶଗ୍ରହଣକାରୀ ଢଙ୍ଗରେ କାର୍ଯ୍ୟକାରୀ କରାଯାଉଛି। ଗତ ୩ ବର୍ଷ ମଧ୍ୟରେ ୩ ହଜାରରୁ ଅଧିକ ହିତାଧିକାରୀଙ୍କୁ ବୈଷୟିକ ଜ୍ଞାନ, ଭୌତିକ ଇନପୁଟ୍, ବଜାର ସଂଯୋଗ ଏବଂ ବିଭିନ୍ନ କୃଷି ଭିତ୍ତିକ ଉନ୍ନତ ପଦ୍ଧତି ମାଧ୍ୟମରେ ଧାନ ଚାଷ, ପନିପରିବା ଚାଷ ସମେତ ବିଭିନ୍ନ ପ୍ରକାରର ଖାଦ୍ୟ ଉତ୍ପାଦନ ଇତ୍ୟାଦି ଯୋଗାଇ ଦେଇଛି। ଏ ସମ୍ପର୍କରେ ମାଆ ରାମଚଣ୍ଡୀ କୃଷକ କଲ୍ୟାଣ ସମିତି ସଭାପତି କହିଛନ୍ତି ଯେତେବେଳେ ଆମେ ଜୀବିକା ହରାଇଲୁ, ଜୀବିକା ଅନ୍ୱେଷଣରେ ଧାନ ଚାଷ କରିବା ପାଇଁ ସ୍ଥିର କଲୁ। ଏ ନେଇ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଭିନ୍ନ ତାଲିମ ଦିଆଗଲା। ନୂତନ ଜ୍ଞାନ କୌଶଳ ମାଧ୍ୟମରେ ୪୦ ଏକର ଜମିରେ ଧାନ ଚାଷ କରୁଛୁ। ରୋଗପୋକ ମଧ୍ୟ ନିୟନ୍ତ୍ରଣ ହୋଇପାରୁଛି। ଜେଏସଡବ୍ଲ୍ୟୁ ଆମର ପୂର୍ବ ଜୀବିକାକୁ ପୁନର୍ଜନ୍ମ ଦେଇଥିବା ଶ୍ରୀ ସ୍ୱାଇଁ କହିଛନ୍ତି।

ଭୋଳାଶଙ୍କରଙ୍କ ଜାଗର ଯାତ୍ରା

# 'ଓଁ ନମଃ ଶିବାୟ' ଧ୍ୱନିରେ ଶୈବପୀଠ ପ୍ରକମ୍ପିତ


କେନ୍ଦ୍ରାପଡ଼ା


କେନ୍ଦ୍ରାପଡ଼ା


କେନ୍ଦ୍ରାପଡ଼ା


ଗରଦପୁର


ପଟ୍ଟାମୁଣ୍ଡାଇ


ରାଜନଗର

କେନ୍ଦ୍ରାପଡା,୧୫ା୨(ସମିସ):

ଆଜି ସମସ୍ତ ଶୈବପୀଠରେ ଭୋଳାଶଙ୍କରଙ୍କ ପବିତ୍ର ଜାଗର ଯାତ୍ରା ପାଳିତ ହୋଇଛି। କେନ୍ଦ୍ରାପଡା ସହର ଅନ୍ତର୍ଗତ କଜଳାସ୍ଥ ପ୍ରସିଦ୍ଧ ବିଳେଶ୍ୱର ମହାଦେବଙ୍କ ପୀଠରେ ଭକ୍ତିମୟ ପରିବେଶରେ ଜାଗର ପାଳିତ ହୋଇଛି। ପ୍ରାତଃ ୪ଟାରେ ମହାଦେବଙ୍କ ମହାସ୍ନାନ କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ପ୍ରାତଃ ୫ଟାରେ ମଙ୍ଗଳ ଆରତି ଓ ପରେ ବଡସିଂହାର ବେଶ ଅନୁଷ୍ଠିତ ହୋଇଥିଲା। ପରେ ଦିନସାରା ମନ୍ଦିର ପରିସର ଭକ୍ତଙ୍କ ଭିଡ଼ରେ ଉତ୍ସବମୁଖର ହୋଇଉଠିଥିଲା। ହଜାର ହଜାର ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ କରି ଜାଗର ବ୍ରତ ପାଳନ କରିଥିଲେ। ଭକ୍ତ ଉପବାସ ରହି ଦୀପ ପ୍ରଜ୍ୱଳନ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତିରେ ଲୀନଥିଲେ। ସନ୍ଧ୍ୟା ୮ଟାରେ ମହାଦେବଙ୍କ ମହାଅଭିଷେକ ବିଧିବଦ୍ଧ ଭାବେ ସମ୍ପନ୍ନ ହୋଇଥିବାବେଳେ ରାତି ପ୍ରାୟ ୧୧ଟାରେ ମହାଦୀପ ଉଠିବା ସହ ଜାଗର ଯାତ୍ରାର ମୁଖ୍ୟ ପର୍ବ ଶେଷ ହୋଇଥିଲା। ଏହି ଅବସରରେ ସନ୍ଧ୍ୟାରେ ଭୁବନେଶ୍ୱରର ବିଶିଷ୍ଟ ଭଜନ ଗାୟକଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଫଳରେ ପରିବେଶ ଅଧିକ ଭକ୍ତିମୟ ହୋଇଉଠିଥିଲା ଓ ଉପସ୍ଥିତ ଭକ୍ତ ଆନନ୍ଦିତ ହୋଇଥିଲେ। ଜାଗର ଯାତ୍ରାର ସମସ୍ତ କାର୍ଯ୍ୟକ୍ରମ ବିଳେଶ୍ୱର ମନ୍ଦିର କମିଟିର ଉପଦେଷ୍ଟା ସାରଥୀ ଚନ୍ଦ୍ର କାନୁନଗୋଙ୍କ ନେତୃତ୍ୱରେ ସଭାପତି ଗୌତମ ମଲ୍ଲିକ, ଉପସଭାପତି ଅଶୋକ ମଲ୍ଲିକ, ସମ୍ପାଦକ ସାରଦା ସାହୁ, ସହସମ୍ପାଦକ ସ୍ୱରୂପ ରାଉତରାୟ, କୋଷାଧ୍ୟକ୍ଷ ପ୍ରଦୀପ ସାହୁ ଓ ଅନ୍ୟାନ୍ୟ ସଦସ୍ୟଙ୍କ ସହଯୋଗରେ ଶାନ୍ତି ଓ ଶୃଙ୍ଖଳାର ସହ ପରିଚାଳିତ ହୋଇଥିଲା। ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ପାଇଁ କେନ୍ଦ୍ରାପଡା ଟାଉନ ଥାନା ଅଧିକାରୀ ଶୁଭେନ୍ଦୁ ସାହୁଙ୍କ ତତ୍ତ୍ୱାବଧାନରେ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏଥିସହ କେନ୍ଦ୍ରାପଡା ସହରସ୍ଥ ଅମରେଶ୍ୱର ମନ୍ଦିର, ଶ୍ରୀଶ୍ରୀ ତ୍ରିବାଙ୍କେଶ୍ୱର ଶିବ ମନ୍ଦିର ଓ କପାଳେଶ୍ୱର ପ୍ରାଚୀନ ଶୈବ ପୀଠରେ ଜାଗର ଯାତ୍ରା ଅବସରରେ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା।

■ **କେନ୍ଦ୍ରାପଡ଼ା:** ପବିତ୍ର ଜାଗର ଅମାବାସ୍ୟା ଉପଲକ୍ଷେ କେନ୍ଦ୍ରାପଡ଼ାର ପ୍ରତ୍ୟେକ ଶୈବ ପୀଠ ଚଳଚଞ୍ଚଳ ରହିଥିଲା। ସେଥିମଧ୍ୟରୁ ଓସ୍ତପୁର ଅଞ୍ଚଳର ମଣିବାବାଙ୍କ ପୀଠରେ ପ୍ରବଳ ଭିଡ଼ ସହ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ସକାଳୁ ମଙ୍ଗଳ ଆଳତୀ, ମହାସ୍ନାନ, ନୂଆ ପତାକା ଲାଗି ସାରିବା ପରେ ସନ୍ଧ୍ୟା ଆଳତୀ ଦର୍ଶନ କରିଥିଲେ ଭକ୍ତ। ରାତି ଗୋଟାଏରେ ମହାଦୀପ ଉଠିଥିଲା।

■ **ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ପବିତ୍ର ଜାଗର ଯାତ୍ରା ପାଳିତ ହୋଇଯାଇଛି। ଉତିକଣ ଅଞ୍ଚଳର ପ୍ରସିଦ୍ଧ ଶୈବ ପୀଠ ଚନ୍ଦନନଗର ଚନ୍ଦ୍ରମଉଳି ପୀଠରେ ମହାଶିବ ରାତ୍ରି ଉପଲକ୍ଷେ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା। ପ୍ରତ୍ୟୁଷରୁ ପୂଜକଙ୍କ ଦ୍ୱାରା ପ୍ରଭୁ ଚନ୍ଦ୍ରମଉଳି ମହାଦେବଙ୍କ ପୂଜାର୍ଚ୍ଚନା ଯଥାବିଧି ସମ୍ପନ୍ନ କରାଯାଇଥିଲା। ପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତ୍ୟୁଷରୁ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଶହ ଶହ ଶ୍ରଦ୍ଧାଳୁ ପ୍ରଭୁଙ୍କ ବେଢାରେ ଦୀପ ଜାଳି ଆଶୀର୍ବାଦ ଭିକ୍ଷା କରିଥିଲେ। ମହାଶିବରାତ୍ରୀ ଉପଲକ୍ଷେ ଚନ୍ଦ୍ରମଉଳି ପୀଠ ଆଲୋକମାଳାରେ ସଜ୍ଜିତ ହୋଇ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ମାନସିକ ପାଇଁ ଦୀପ ଜାଳି ବସିଥିବା ଭକ୍ତ ବିଳମ୍ବିତ ରାତିରେ ମହାଦୀପ ଦର୍ଶନ କରି ନିଜର ମାନସିକ ଶେଷ କରିଥିଲେ। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡା ହରପାର୍ବତୀ ମନ୍ଦିର ମହାଶିବରାତ୍ରି ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ମୁଖ୍ୟ ପୂଜକ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ, ଉମେଶ ଦାସ ପ୍ରତ୍ୟୁଷରୁ ପ୍ରଭୁ ହରପାର୍ବତୀଙ୍କ ଯଥାବିଧି ପୂଜାର୍ଚ୍ଚନା କରିଥିଲେ ଓ ପ୍ରଭୁ ହରପାର୍ବତୀଙ୍କ ଦର୍ଶନ ପାଇଁ ପ୍ରତ୍ୟୁଷରୁ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା। ମହାଶିବରାତ୍ରୀ ଉପଲକ୍ଷେ ହରପାର୍ବତୀ ମନ୍ଦିର ଆଲୋକମାଳାରେ ସଜ୍ଜିତ ହୋଇଥିଲା ଓ ମନ୍ଦିର ବେଢାରେ ଶ୍ରଦ୍ଧାଳୁ ଦୀପ ଲଗାଇ ନିଜର ମାନସିକ ପୂରଣ ସହ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପଟ୍ଟାମୁଣ୍ଡାଇ କସ୍ତୁରୀ କଳା ନିକେତନ ଓ କେନ୍ଦ୍ରାପଡ଼ା ଭାବଗ୍ରାହୀ କଳା ନିକେତନ କଳାକାର ଭଜନ ପରିବେଷଣ କରିଥିଲେ। ପଟ୍ଟାମୁଣ୍ଡାଇ ରାଧାରମଣ ମଠରେ ଥିବା ଗୋପେଶ୍ୱର ମହାଦେବ ମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଥିଲା। ମହନ୍ତ ଅସୀମାନନ୍ଦ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିସହ ପୋଖରୀଆପଡା ପତିତପାବନ ମନ୍ଦିରରେ ଥିବା ମହାଦେବ ମନ୍ଦିରରେ ମହାଶିବରାତ୍ରୀ ଓ ଜାଗର ଯାତ୍ରା ମନ୍ଦିର ପରିଚାଳନା କମିଟି ସଭାପତି ପ୍ରକାଶ ଦାଶ, ସମ୍ପାଦକ ନରହରି ଲେଙ୍କା ଓ ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସଂଲଗ୍ନ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଆଇଆଇସି ଶ୍ରୀମତୀ ବନ୍ଦନା ପାତ୍ର ପୂଜା ବିଧି ସମ୍ପନ୍ନ କରିଥିଲେ। ଏ ଅବସରରେ ହରି ହର ଭେଟ ଅନୁଷ୍ଠିତ ହୋଇଥିଲା। ସେହିପରି କଷଣଅଣ୍ଡା ଲକ୍ଷେଶ୍ୱର ମହାଦେବ ପୀଠ, ବେଲତଳ ବେଲେଶ୍ୱର ମହାଦେବ ପୀଠ, ନିମପୁର ଗ୍ରାମର ନୀଳକଣ୍ଠେଶ୍ୱର ମହାଦେବ, ପଟ୍ଟାମୁଣ୍ଡାଇ ବ୍ଲକର ଅଠରବାଟିଆ ଦକ୍ଷିଣେଶ୍ୱର ମହାଦେବ ପୀଠ, ଅଣ୍ଡରା, ଅମୃତମଣୋହି, ବଲୁରିଆ, ପେଣ୍ଠପାଳ,ତରଡ଼ିପାଳ, ଅଳପୁଆ, ସିଂହଗାଁ, ଶ୍ରୀରାମପୁର, ନରସିଂହପୁର, ଡିହାପଡା, ବଡ଼ମୂଳବସନ୍ତ, ଅରଡ଼ପଲ୍ଲୀ, ଡାମରପୁର, ଶାସନ, ସଂସାରପାଳ, ଔପଦା, ବିଲିକଣା, ଖଣତା, ବଡ଼ପଡା, ବଡ଼ମୋହନପୁର, ଦିହୁଡିପୁର, ସାନଜରିଆ, ଗଙ୍ଗାରାମପୁର, ଖଡ଼ିଅଣ୍ଟା, କଖାରୁଣୀ ଆଦି ବିଭିନ୍ନ ପଂଚାୟତ ଓ ପୌରାଞ୍ଚଳର ବାଲିପଡ଼ା, ତନୁପୁର, ଷଣ୍ଢପଲ୍ଲୀ, ମାଟିଆ, ବକ୍ତାରପୁର, ତାତନା ଆଦି ବିଭିନ୍ନ ଗ୍ରାମରେ ଥିବା ଶିବ ମନ୍ଦିରରେ ମହାଶିବରାତ୍ରି ଓ ଜାଗର ଯାତ୍ରା ପାଳିତ ହୋଇଯାଇଛି।

■ **ରାଜନଗର:** ମହାଶିବରାତ୍ରୀ ଅବସରରେ ରାଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ଶୈବ ପୀଠରେ ପ୍ରବଳ ଗହଳି ଲାଗି ରହିଥିଲା। ଭୋର ୫ଟା ସମୟରୁ ଭକ୍ତଙ୍କ ଲମ୍ବା ଭିଡ଼ ଦେଖିବାକୁ ମିଳିଥିଲା। ବିଶେଷକରି ଗୋସିଗାଁର ପ୍ରସିଦ୍ଧ ଗର୍ତ୍ତେଶ୍ୱର ମନ୍ଦିର, ରାଜନଗରର ରାଘେବଶ୍ୱର ମନ୍ଦିର, ସପେନଶ୍ୱର ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର, ଚନ୍ଦ୍ରଶିଖରସ୍ଥ ଅଷ୍ଟଶମ୍ଭୁ ମନ୍ଦିର, କୁରୁଣ୍ଟି କଞ୍ଚନେଶ୍ୱର ମନ୍ଦିର, ଗୋଖଣି ଗୋକର୍ଣ୍ଣେଶ୍ୱର ମନ୍ଦିର, କାନଫୁଲିଆସ୍ଥ ଆଖଣ୍ଡଳମଣି ମନ୍ଦିର, ରାଜନଗର ଥାନା ପରିସରରେ ଥିବା ଥାନେଶ୍ୱର ମହାଦେବ ପୀଠରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ମହାଦେବଙ୍କୁ ଦୀପ,ଧୂପ ଓ ଫୁଲ ଚନ୍ଦନରେ ପୂଜାର୍ଚ୍ଚନା କରିବା ପରେ ଶ୍ରଦ୍ଧାଳୁ ବ୍ରତ ରଖିଥିଲେ। ସନ୍ଧ୍ୟାରେ ମନ୍ଦିର ବେଢାରେ ଦୀପ ଜାଳି ମାନସିକ ରଖି ଜାଗର ପାଳିଥିଲେ। ଶ୍ରଦ୍ଧାଳୁ ଦୀପ ଜାଳି ମହାଦୀପ ଉଠିବା ଯାଏଁ ବେଢାରେ ବସି ରହିଥିଲେ। ମହାଦୀପ ଉଠିବା ପରେ ଶ୍ରଦ୍ଧାଳୁ ବ୍ରତ ସମାପନ କରିଥିଲେ।

■ **ରାଜକନିକା:** କନିକାର ଅନ୍ୟତମ ପୁରାତନ ଶୈବପୀଠ କାଟଣାର ବାବା କପିଳେଶ୍ୱରଙ୍କ ପୀଠରେ ମହାଶିବରାତ୍ରୀ ପାଳିତ ହୋଇଯାଇଛି। ଆଳି, ରାଜନଗର, ଚାନ୍ଦବାଲି ଓ ରାଜକନିକାର ପ୍ରତ୍ୟକ୍ଷ ଠାକୁର ଭାବେ କନିକା ରାଜାଙ୍କ ଶାସନ ସମୟରୁ ଆଖଣ୍ଡଳମଣି ପୀଠ ପରେ କାଟଣାର କପିଳେଶ୍ୱର ମହାଦେବଙ୍କ ଖ୍ୟାତି ରହିଛି। ଆଜି ମହାଶିବରାତ୍ରୀରେ ଆଳି କନିକାର ମୂଳ ଅଧିବାସୀଙ୍କ ଦ୍ୱାରା କଟକରେ ଗଢ଼ିଉଠିଥିବା ଅଗ୍ରଣୀ ସାମାଜିକ ସଂଗଠନ ଆଳି କନିକା ଉନ୍ନୟନ ପରିଷଦର କର୍ମକର୍ତ୍ତା ଓ ଏହାର ବରିଷ୍ଠ ଉପସଭାପତି ଜୟରାମ ସେଠୀଙ୍କ ନେତୃତ୍ୱରେ ଧାମରା ଗ୍ରାମର ଉତ୍ସାହୀ ଯୁବ ଗୋଷ୍ଠୀ ସହାୟତାରେ ଭକ୍ତଙ୍କ ପାଇଁ ଖିଚିଡି ଭୋଗର ବ୍ୟବସ୍ଥା କରାଯାଇଥିଲା। ଏଥିରେ କାଟଣା-ବଣିଆ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ ନାୟକ, ସମିତି ସଭ୍ୟ ପ୍ରତିନିଧି ଅମର ଜେନା, କଟକ ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ ଓ ହସ୍ପିଟାଲର ବରିଷ୍ଠ ଦନ୍ତ ଚିକିତ୍ସକ ପ୍ରଫେସର ଡକ୍ଟର ଆଶିଷ ବାରିକ୍ ପ୍ରମୁଖ ଯୋଗଦେଇ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ବିଜ୍ଞାନ କୁମାର ପ୍ରଧାନଙ୍କ ନେତୃତ୍ୱରେ ନାରାୟଣ ବେହେରା, ପ୍ରସନ୍ନ କୁମାର ପତି, ମୁରଲୀଧର ଦାସ ପ୍ରମୁଖ ସହଯୋଗ କରିଥିଲେ।

■ **ପଞ୍ଚୁପାଣ୍ଡବ:** ଡେରାବିଶ ବ୍ଲକର ବିଭିନ୍ନ ଅଞ୍ଚଳରେ ମହାଶିବରାତ୍ରୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇ ଉଠିଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଶୈବପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ମହାଦୀପ ଉଠିବା ପର୍ଯ୍ୟନ୍ତ ବ୍ରତଧାରୀ ଶୈବପୀଠରେ ଉପସ୍ଥିତ ରହି ପୂଜାର୍ଚ୍ଚନାରେ ଅଂଶ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ଥିବା ଚନ୍ଦ୍ରଶେଖର ମହାଦେବ, ନହଙ୍ଗ ପଞ୍ଚାୟତର ଅର୍ଦ୍ଧେଶ୍ୱର, ପଞ୍ଚୁପାଣ୍ଡବର ବଟେଶ୍ୱର, ରଘୁଦେଇପୁର ପଞ୍ଚାୟତର ଉମାକାନ୍ତେଶ୍ୱର ଓ ସିଦ୍ଧେଶ୍ୱର, କଂସାରିପାଟଣାର ଲିଙ୍ଗେଶ୍ୱର, ବେଲାରପୁର ଗ୍ରାମରେ ଥିବା ଭଗବତୀ ପୀଠ ପ୍ରାଙ୍ଗଣରେ ସପ୍ତେଶ୍ୱର ମହାଦେବ ଓ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ନାଗେଶ୍ୱର ଶୈବପୀଠରେ ମହାଆଡମ୍ବର ସହକାରେ ଜାଗରଯାତ୍ରା ସମ୍ପନ୍ନ ହୋଇଛି।

■ **ଗରଦପୁର:** ଶିବ ପଞ୍ଚାକ୍ଷରୀ ମନ୍ତ୍ର ଓ ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଗରଦପୁର ଅଞ୍ଚଳର ପ୍ରସିଦ୍ଧ ବ୍ରହ୍ମେଶ୍ୱର ପୀଠ। ହଜାର ହଜାର ଶିବଭକ୍ତଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। ସକାଳୁ ପ୍ରଭୁଙ୍କ ଦର୍ଶନ କରିବା ସହ ଜଳାଭିଷେକ ଓ ପୂଜାର୍ଚ୍ଚନା କରିଥିଲେ। ସମଗ୍ର ପରିବେଶ ଶିବନାମ ସଂକୀର୍ତ୍ତନ, ଭଜନ ଓ ଘଣ୍ଟଧ୍ୱନିରେ ମୁଖରିତ ହୋଇଥିଲା। ଭକ୍ତଙ୍କ ମଧ୍ୟରେ ଅସୀମ ଉତ୍ସାହ ଓ ଭକ୍ତିଭାବ ପ୍ରକାଶ ପାଇଥିଲା। ସ୍ଥାନୀୟ ପ୍ରଶାସନ ଓ ଆୟୋଜକଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବାରୁ ସମଗ୍ର କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଥିଲା।

● ଘରୋଇ ରାସ୍ତାକୁ ବାଡ଼ ପୋତି ଅବରୋଧ

## ଘରୁ ବାହାରିପାରୁନାହାନ୍ତି ପରିବାର, ଥାନାରେ ଅଭିଯୋଗ

**ଡେରାବିଶ, ୧୫ା୨(ସମିସ):** ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଘରୋଇ ରାସ୍ତାରେ ବାଡ଼ ପୋତି ରାସ୍ତା ଅବରୋଧ କରାଯାଇଥିବାରୁ ଗୋଟିଏ ପରିବାର ଘରୁ ବାହାରି ପାରୁ ନ ଥିବାରୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସାବିତ୍ରୀ ସେଠୀଙ୍କ ପଡ଼ୋଶୀ ଘରୋଇ ରାସ୍ତାରେ ବାଡ଼ପୋତି ଅବରୋଧ କରିବାରୁ ସାବିତ୍ରୀଙ୍କ ପରିବାର ଘରୁ ବାହାରି ପାରୁନାହାନ୍ତି। ରାସ୍ତାରୁ ବାଡ଼ ଉଠାଇବା ସମ୍ପର୍କରେ ପଡ଼ୋଶୀଙ୍କୁ କହିବାରୁ ପଡ଼ୋଶୀ ବାଡ଼ ଉଠାଇବା ପରିବର୍ତ୍ତେ ରାସ୍ତାରେ ଭଙ୍ଗାକାଚ, କଣ୍ଟା ପକାଇବା ସହିତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିବାକୁ ଉଦ୍ୟତ ହେଉଥିବା ସାବିତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ସମାନ କାରଣ ପାଇଁ ୨୦୧୭ରେ ସାବିତ୍ରୀଙ୍କ ଦିଅରଙ୍କୁ ମଧ୍ୟ ପଡ଼ୋଶୀ ମରଣାନ୍ତକ ଆକ୍ରମଣ କରିଥିବାରୁ ତାଙ୍କ ଦିଅର ଭୟରେ ୮ ବର୍ଷ ହେବ ଘରକୁ ଆସୁନାହାନ୍ତି। ଏ ସମ୍ପର୍କରେ ସାବିତ୍ରୀ ପୂର୍ବରୁ ଡେରାବିଶ ତହସିଲ ପ୍ରଶାସନର ଦ୍ୱାରସ୍ଥ ହେବା ସହ ଅମିନଙ୍କ ଦ୍ୱାରା ମାପଚୁପ କରାଇଥିଲେ ମଧ୍ୟ ପଡ଼ୋଶୀ ଜଣକ ମାପ କରାଯାଇ ଅମିନ ଦ୍ୱାରା ବସାଯାଇଥିବା ଖିଲକୁ ଓପାଡ଼ି ଦେଇଥିବା ସାବିତ୍ରୀ ଅଭିଯୋଗ କରିଛନ୍ତି। ତୁରନ୍ତ ଡେରାବିଶ ପୁଲିସ ପ୍ରଶାସନ ତାଙ୍କ ଘରୋଇ ରାସ୍ତାକୁ ଅବରୋଧ ମୁକ୍ତ କରି ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ତେବେ ଅଭିଯୋଗକୁ ଦୁଇଦିନ ବିତିଯାଇଥିଲେ ମଧ୍ୟ ପୁଲିସ୍ କୌଣସି ପଦକ୍ଷେପ ନେଇ ନ ଥିବାରୁ ସାବିତ୍ରୀଙ୍କ ପରିବାର ଘରୁ ବାହାରି ପାରୁ ନ ଥିବାବେଳେ ପଡ଼ୋଶୀଙ୍କ ଆକ୍ରମଣ ଭୟରେ ଭୀତତ୍ରସ୍ତ ଅବସ୍ଥାରେ ରହିଥିବା ଜଣାଯାଇଛି।

## ଜମ୍ବୁ ସାମୁଦ୍ରିକ ଥାନା ପକ୍ଷରୁ କମ୍ୟୁନିଟି ପୁଲିସିଂ କାର୍ଯ୍ୟକ୍ରମ

**ମହାକାଳପଡ଼ା,୧୫ା୨(ସମିସ):** କେନ୍ଦ୍ରାପଡ଼ା ପୁଲିସ ଓ ଜମ୍ବୁ ସାମୁଦ୍ରିକ ଥାନା ପକ୍ଷରୁ ଲୁଣିମାଠିଆ ପଡ଼ିଆରେ କମ୍ୟୁନିଟି ପୁଲିସିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏ ଅବସରରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସହ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ଥାନୀୟ ପ୍ରଶାସନ, ପୁଲିସ ଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଅତିଥିମାନେ ଯୁବକଙ୍କୁ କ୍ରୀଡ଼ା ଓ ସାମାଜିକ କାର୍ଯ୍ୟରେ ଆଗୁଆ ହେବା ସହ ଅପରାଧ ଓ ନଶାଦ୍ରବ୍ୟରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ବିଶ୍ୱାସ ଓ ସହଯୋଗ ବୃଦ୍ଧି ପାଇଁ ଏପରି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜମ୍ବୁ ସାମୁଦ୍ରିକ ଥାନା ଆଇଆଇସି ଅନୀତା ସ୍ୱାଇଁ, ଏସଆଇ ଆଲୋକ ରଥ, ଗୃହରକ୍ଷୀ ରାକେଶ ବାରିକ, ବାବୁଜୀ ପଲାଇ, ସଦାଶିବ ମଲ୍ଲିକ, ରଶ୍ମିରଞ୍ଜନ ମଣ୍ଡଳଙ୍କ ସମେତ ରାମନଗର ସରପଞ୍ଚ ମିଳନ ଦେବନାଥ ଉପସ୍ଥିତ ଥିଲେ।




■ ବ୍ଲକସ୍ତରୀୟ ୪୦ ବର୍ଷରୁ ଊର୍ଦ୍ଧ୍ୱ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ବାଲିପାଟଣାକୁ ହରାଇ ନୀଳକଣ୍ଠପୁର ଚାମ୍ପିଅନ୍

ପଟ୍ଟାମୁଣ୍ଡାଇ,୧୫ା୨(ସମିସ):

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମାଳିପୁର ଗ୍ରାମରେ ଚାଲିଥିବା ବ୍ଲକସ୍ତରୀୟ ୪୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ପୁରୁଖା କ୍ରିକେଟ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ପଟ୍ଟାମୁଣ୍ଡାଇ ବ୍ଲକର ଟିଚର୍ସ କ୍ଲବ, ମାଳିପୁର, ବାଲିପଡ଼ା, ନୀଳକଣ୍ଠପୁର, ମୂଳବସନ୍ତ, ଗାଙ୍ଗପଡ଼ା, ଅଢାଜୋରି, ବାଲିପାଟଣା ଗ୍ରାମର ୮ଟି ଦଳ ଭାଗ ନେଇଥିଲେ। ଉଦ୍‌ଘାଟନୀ ଦିବସରେ ୪ଟି କ୍ୱାର୍ଟରଫାଇନାଲ ମ୍ୟାଚ୍ ଖେଳା ଯାଇଥିବାବେଳେ ବାଲିପଡା, ଟିଚର୍ସ କ୍ଲବ, ନୀଳକଣ୍ଠପୁର, ବାଲିପାଟଣା ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଆଜି ପ୍ରଥମ ସେମିଫାଇନାଲ ମ୍ୟାଚ୍ ବାଲିପଡା ଓ ବାଲିପାଟଣା ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ବାଲିପାଟଣା ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ବାଲିପାଟଣାର ପବିତ୍ର ବିଶ୍ୱାଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଟିଚର୍ସ କ୍ଲବ ଓ ନୀଳକଣ୍ଠପୁର ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ନୀଳକଣ୍ଠପୁର ବିଜୟୀ ହୋଇଥିଲା। ଏହି ମ୍ୟାଚରେ କମଳାକାନ୍ତ ବେହେରା ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ବାଲିପାଟଣା ଓ ନୀଳକଣ୍ଠପୁର ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମେ ନୀଳକଣ୍ଠପୁର ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୩ ୱିକେଟ ହରାଇ ୧୪୧ ରନ ସଂଗ୍ରହ କରିଥିଲା। ପରେ ୧୪୨ ରନ୍ ବିଜୟ ଲକ୍ଷ୍ୟ ନେଇ ବାଲିପାଟଣା ବ୍ୟାଟିଂ କରି ସମାନ ସଂଖ୍ୟକ ୱିକେଟ୍ ହରାଇ ୧୨୩ ରନ ସଂଗ୍ରହ କରିଥିଲା। ନୀଳକଣ୍ଠପୁର ବିଜୟୀ ହୋଇ ବିଜେତା ଟ୍ରଫି ହାସଲ କରିଥିବାବେଳେ ବାଲିପାଟଣାକୁ ରନର୍ସ ଟ୍ରଫିରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ନୀଳକଣ୍ଠପୁର ଦଳର କମଳାକାନ୍ତ ବେହେରାଙ୍କୁ ମ୍ୟାନ ଅଫ ଦି ସିରିଜ ଘୋଷଣା କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ପ୍ରଶାନ୍ତ ମହାନ୍ତି, ସମ୍ମାନିତ ଅତିଥି ଭାବେ ସମାଜସେବୀ ରମାକାନ୍ତ ସାହୁ, ଆଶିଷ ମଲିକ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ । ସଞ୍ଜୟ ରାଉତ ଓ ସଞ୍ଜୀବ ମଲିକ ଖେଳ ପରିଚାଳନା କରିଥିବାବେଳେ ମାଳିପୁର ପାଣ୍ଡବ ଗୋସ୍ୱାମୀ କ୍ରିକେଟ କ୍ଲବର ସୌମ୍ୟରଞ୍ଜନ ବେହେରା, ଅଣାକର ମଲିକ, ସମୀର ମଲିକ, ନିରଞ୍ଜନ ସେଠୀ, କ୍ଷୀରୋଦ ମଲିକ, ସୁଜିତ ବିଶ୍ୱାଳ, ସନ୍ତୋଷ ସେନାପତି, ସୁନୀଲ ମଲିକ ପ୍ରମୁଖ ସହଯୋଗ କରିଥିଲେ।



## ସରସ୍ୱତୀ ଶିଶୁମନ୍ଦିରରେ ହିନ୍ଦୁ ସମ୍ମିଳନୀ

**ମାର୍ଶାଘାଇ,୧୫ା୨(ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଅବସରରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏ ଅବସରରେ ମାର୍ଶାଘାଇ ମଣ୍ଡଳ ପକ୍ଷରୁ ସରସ୍ୱତୀ ଶିଶୁମନ୍ଦିରରେ ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଛି। ବର୍ତ୍ତମାନ ସମାଜରେ ପରିବାରରେ ବିଘଟନ ଘଟୁଥିବାବେଳେ ସଦସ୍ୟମାନେ ଏକତ୍ରିତ ହୋଇ ରହିବା, ଏକତ୍ର ଖାଇବା, ଏକତ୍ରିତ ହୋଇ ଧର୍ମକାର୍ଯ୍ୟ କରିବା, ଏକତ୍ର ଭ୍ରମଣ କରିବାକୁ ଏହି ସମ୍ମିଳନୀରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟଅତିଥି ଭାବେ ହିନ୍ଦୁସ୍ଥାନ ଏରୋନେଟିକ୍ ଲିମିଟେଡର ଅବସରପ୍ରାପ୍ତ କର୍ମଚାରୀ କିର୍ତ୍ତନ ପରିଡା, ମୁଖ୍ୟବକ୍ତା ଭାବେ ଧର୍ମ ଜାଗରଣ ସମନ୍ୱୟ ସମିତି କଟକ ବିଭାଗ ସଂଯୋଜକ ଗୋଲେଖ ବେହେରା, ଅନ୍ୟତମ ମୁଖ୍ୟବକ୍ତା ସଦଭାବନା ଟୋଲିର ସଦସ୍ୟ ହିମାଂଶୁ ଦାସ ଯୋଗଦେଇ ପଞ୍ଚ ପରିବର୍ତ୍ତନ ଉପରେ ବକ୍ତବ୍ୟ ରଖିଥିଲେ। ଖଣ୍ଡ ସଂଯୋଜକ ହିମାଂଶୁ ନାୟକ ମଞ୍ଚ ପରିଚାଳନ କରିଥିବାବେଳେ ଖଣ୍ଡ କାର୍ଯ୍ୟବାହ ରଞ୍ଜନ ବେହେରା, ଅଶୋକ ବେହେରା, ତନୁଜ ଜେନା, ମନ୍ମଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସରିତା ସାହୁ ଜିଲ୍ଲା ବିଜେଡି ମହିଳା ସଭାପତି



**କେନ୍ଦ୍ରାପଡ଼ା,୧୫ା୨(ସମିସ):** ବିଜୁ ଜନତା ଦଳ ପକ୍ଷରୁ କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁଙ୍କୁ ଜିଲ୍ଲା ବିଜେଡି ମହିଳା ସଭାପତି ଭାବେ ନିଯୁକ୍ତ କରାଯାଇଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଗୁରୁଦାୟିତ୍ୱ ତାଙ୍କୁ ଅର୍ପଣ କରାଯାଇଥିବା ଜଣାପଡିଛି। କେନ୍ଦ୍ରାପଡା ପୌରପାଳିକା ଅଧ୍ୟକ୍ଷା ଭାବେ ଶ୍ରୀମତୀ ସାହୁଙ୍କ କାର୍ଯ୍ୟଦକ୍ଷତା ଓ ସାଂଗଠନିକ କୌଶଳକୁ ନଜରରେ ରଖି ଦଳ ପକ୍ଷରୁ ଏହି ଦାୟିତ୍ୱ ଦିଆଯାଇଛି। ସେ ୨୦୨୨ରୁ ପୌରାଧ୍ୟକ୍ଷା ଭାବେ କାର୍ଯ୍ୟ କରି ଆସୁଥିବାବେଳେ ପୌରାଞ୍ଚଳରେ ସଂଗଠନକୁ ସୁଦୃଢ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ନୂତନ ଦାୟିତ୍ୱ ମିଳିବା ପରେ ଶ୍ରୀମତୀ ସାହୁ କହିଛନ୍ତି, ଦଳର ସୁପ୍ରିମୋ ମୋ ଉପରେ ଯେଉଁ ଭରସା ରଖିଛନ୍ତି, ମୁଁ ତାହାକୁ ସଫଳ ଭାବେ ପାଳନ କରିବି। ପୌରାଞ୍ଚଳବାସୀଙ୍କ ସ୍ୱାର୍ଥକୁ ପୂର୍ବବତ୍ ଅଗ୍ରାଧିକାର ଦେଇ ଦଳ ଓ ଲୋକଙ୍କ ପାଇଁ କାମ କରିବି। ଏଥିସହ ସେ ଦଳର ନେତୃତ୍ୱଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏ ଅବସରରେ ଦଳୀୟ କର୍ମୀ ଓ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଖରିନାସୀ ଗ୍ରାମରେ ଅଗ୍ନିକାଣ୍ଡ

**ମହାକାଳପଡ଼ା,୧୫ା୨(ସମିସ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଖରିନାସୀ ପଞ୍ଚାୟତର ଖରିନାସୀ ଗ୍ରାମରେ ଅଗ୍ନିକାଣ୍ଡ ଘଟି କୁଶ ବର୍ମନଙ୍କ କ୍ୟାବିନ ପୋଡ଼ିଯାଇଛି। କୁଶ କ୍ୟାବିନ୍ ମଧ୍ୟରେ ରହୁଥିଲେ। ଗତକାଲି ବିଳମ୍ବିତ ରାତିରେ ନିଆଁ ଲାଗିଯାଇଥିଲା। ପଡ଼ୋଶୀ ନିଆଁ ଲାଗିବା ଦେଖି ଚିତ୍କାର କରି ଡାକ ପକାଇବାରୁ ଲୋକମାନେ ପହଞ୍ଚି କୁଶଙ୍କୁ ଉଦ୍ଧାର କରିବା ସହିତ ନିଆଁକୁ ଆୟତ୍ତ କରିଥିଲେ। କୁଶଙ୍କ ଏକମାତ୍ର ସାହାରା ସାଜିଥିବା କାଠ କ୍ୟାବିନ ପୋଡ଼ିଯାଇଥିବାବେଳେ ଥିବା ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ଧାନ ଚାଉଳ ଆଦି ପାଉଁଶ ହୋଇଯାଇଛି। ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପୁଲୱାମା ସହିଦଙ୍କ ଉଦ୍ଦେଶ୍ୟରେ ମହମବତୀ ଶୋଭାଯାତ୍ରା



**ଡେରାବିଶ,୧୫ା୨(ସମିସ):** ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ପୁଲୱାମା ସହିଦଙ୍କ ଉଦ୍ଦେଶ୍ୟରେ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘ କର୍ମକର୍ତ୍ତା ଦେବଦତ୍ତ କରଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଯାତ୍ରାରେ ଦେବୀପ୍ରସାଦ ଦାଶ, ହିମାଂଶୁ ପଣ୍ଡା, ବିଶ୍ୱଜିତ ନାୟକ, ହିମାଂଶୁ ସାହୁ, ଭାଗ୍ୟଧର ଦାଶ, ନରେଶ କାଣ୍ଡିଙ୍କ ସମେତ ସଂଘର ସଦସ୍ୟ ଓ ଗ୍ରାମର ଲୋକେ ପଞ୍ଚାୟତ ପରିକ୍ରମା କରିଥିଲେ। ପରେ ମା' ଭଗବତୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅମର ସହିଦଙ୍କ ଆତ୍ମାର ସଦ୍‌ଗତି କାମନା କରି ନିରବ ପ୍ରାର୍ଥନା କରିଥିଲେ।

## ଆଖୁ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ



କାମାକ୍ଷାନଗର,୧୫ ।୨(ସମିସ): ଢେଙ୍କାନାଳ-କାମାକ୍ଷାନଗର ମୁଖ୍ୟ ରାସ୍ତାର ରେକୁଲା ରେଲୱେ ବ୍ରିଜ ନିକଟରେ ଏକ ଆଖୁ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକଟି କାମାକ୍ଷାନଗରଆଡୁ ଢେଙ୍କାନାଳ ଅଭିମୁଖେ ଯାଉଥିବା ବେଳେ ରେଲୱେ ବ୍ରିଜ ବାଡ଼ରେ ଧକ୍କା ହୋଇଥିଲା। ଫଳରେ ଟ୍ରକର ଆଗପଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଚାଳକ ଢେଙ୍କାନାଳର ଶ୍ରୀକାନ୍ତ ପରିଡ଼ା (୫୧) ଆହତ ହୋଇଛନ୍ତି। କାମାକ୍ଷାନଗର ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି।

## ଶମ୍ଭୁଗୋପାଳ ମଠରେ ଜାଗର ଯାତ୍ରା



ଢେଙ୍କାନାଳ,୧୫ ।୨(ସମିସ): ସ୍ଥାନୀୟ ଶ୍ରୀଶ୍ରୀ ଶମ୍ଭୁଗୋପାଳ ମଠରେ ମହାଶିବରାତ୍ରି ଜାଗର ଯାତ୍ରା ପାଳନ କରାଯାଇଛି। ପ୍ରଭାତରୁ ସୂର୍ଯ୍ୟପୂଜା ଓ ରୁଦ୍ରାଭିଷେକ, ବେଲପତ୍ର ଲାଗି କରାଯାଇଥିଲା। ଯଜ୍ଞ ପୂଜକ ମଳୟ କର, ମନ୍ଦିର ପୂଜକ ବିଭୂତି ଭୂଷଣ ଗଣ୍ଡା ଓ ସହଯୋଗୀ ସଂଗ୍ରାମକିଶୋର ମିଶ୍ରଙ୍କ ତତ୍ତ୍ୱାବଧାନରେ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ବଜାରର କର୍ମକର୍ତ୍ତା ଓ ସାହିବାସିନ୍ଦା ସହଯୋଗ କରିଥିଲେ। ସନ୍ଧ୍ୟାରେ ଭକ୍ତମାନେ ଜାଗର ସହ ପ୍ରସାଦସେବନ କରିଥିଲେ। ବିଳମ୍ବିତ ରାତିରେ ମହାଦୀପ ଉଠିଥିଲା।

## ଜୁନିୟର ରେଡକ୍ରସ୍ ପକ୍ଷରୁ ସେବା ଶିବିର



ଢେଙ୍କାନାଳ,୧୫ ।୨(ସମିସ): ମହାଶିବରାତ୍ରି ଅବସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ରାଜ୍ୟ ଜୁନିୟର ରେଡକ୍ରସ୍ ପକ୍ଷରୁ ସାମାଜିକ ସେବା ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ସଚିବ ଉମେଶ ଚନ୍ଦ୍ର ସାମଲ ଓ ଜିଲ୍ଲା ଜେଆରସି ଅଫିସର ସୁବ୍ରତ କୁମାର ମିଶ୍ରଙ୍କ ନେତୃତ୍ୱରେ ଶିବିର ପରିଚାଳିତ ହୋଇଥିଲା। ପୂର୍ବତନ ଜେଆରସି ଅଫିସର ନରେଶ କୁମାର ମହାରଣା, ଅବସରପ୍ରାପ୍ତ ପିଇଟି ବିଜୟ କୁମାର ନନ୍ଦ, ଗନ୍ଦିଆ ବ୍ଲକ ଜେଆରସି ସମନ୍ୱୟକ ଦୁଷ୍ମନ୍ତ ସେଠୀ ଓ ଅବସରପ୍ରାପ୍ତ ପିଇଟି ଶରତ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଶିବିରରେ ୩୦ ଜଣ ଜୁନିୟର ରେଡକ୍ରସ୍ ସଦସ୍ୟ ଓ ୧୦ ଜଣ କାଉନ୍ସେଲର ଯୋଗଦେଇଥିଲେ। ସେମାନେ ପରିଚ୍ଛନ୍ନତା ଅଭିଯାନ, ପ୍ରାଥମିକ ଚିକିତ୍ସା ସେବା ଓ ପାନୀୟ ଜଳ ବଣ୍ଟନ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ।

### ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ଜାଗର ଯାତ୍ରା

# 'ହର୍ ହର୍ ମହାଦେବ' ଧ୍ୱନିରେ କମ୍ପିଲା କପିଳାସ

ଗଁଦିଆ,୧୫ ।୨(ସମିସ)

ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସରେ ଜାଗର ଯାତ୍ରା ନିମନ୍ତେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ଶ୍ରଦ୍ଧାଳୁମାନେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କୁ ଦର୍ଶନ କରିବା ସହ ଜାଗର ଜାଳିଛନ୍ତି। ହର ହର ମହାଦେବ ଏବଂ ଓଁ ନମଃ ଶିବାୟ ଧ୍ୱନିରେ କପିଳାସ ପୀଠ ପ୍ରକମ୍ପିତ ହୋଇଉଠିଛି। ପୀଠରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ବସିଛନ୍ତି।

ଶ୍ରଦ୍ଧାଳୁମାନେ ଭୋର ସମୟରୁ ପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କୁ ଦର୍ଶନ ପାଇଁ ମନ୍ଦିରରେ ଧାଡ଼ି ଲଗାଇଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ଠାକୁରଙ୍କ ମଙ୍ଗଳ ଆଳତୀ, ମଇଲମ, ଅବକାଶ, ସ୍ନାନ, ମାର୍ଜନା, ସୂର୍ଯ୍ୟପୂଜା ଓ ସକାଳ ଧୂପ କରାଯାଇଥିଲା। ପରେ ଭୋଗମଣ୍ଡପରେ ପୂଜାର୍ଚ୍ଚନା ହୋଇଥିଲା। ସୁସଜ୍ଜିତ ପଟୁଆରରେ ବିଭିନ୍ନ ଆଢ଼େଣୀ, ତରାସ ସହ ଢୋଲ, ଟମକ, ଭେରୀ, ତୂରୀ, କାହାଳୀ ଓ ଘଣ୍ଟଘଣ୍ଟା ଆଦି ବାଦ୍ୟ ବଜାଇ ଦେଓଗାଁ ସରଘରୁ ପୂର୍ବାହ୍ନ ସାଢ଼େ ୧୧ଟାରେ ନାଗଭାରକୁ କପିଳାସ ପୀଠକୁ ଆଣାଯାଇଥିଲା। ସେବାୟତ, ପୂଜାପଣ୍ଡା, ଦେବୋତ୍ତର କର୍ମଚାରୀ ଓ ପୁଲିସ ଉପସ୍ଥିତିରେ ପୀଠରେ ନାଗଭାର ପହଞ୍ଚିଥିଲା। ଏହାକୁ



ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ପ୍ରକାଶ ପାଇଥିଲା। ମନ୍ଦିର ଉତ୍ତର ପାର୍ଶ୍ୱରେ ସନ୍ଧ୍ୟା ପରଠାରୁ ଏକ ଝାଡ଼ବୃକ୍ଷ ସ୍ଥାପନ କରାଯାଇ ଦୀପ ପ୍ରଜ୍ୱଳନ କରାଯାଇଛି। ପୀଠରେ ଅଧିଷ୍ଠିତ ଦେବୀ ମା' ପାର୍ବତୀଙ୍କ ରାଜରାଜେଶ୍ୱରୀ ବେଶ ଓ ନାରାୟଣଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ନାଗଭାରକୁ ଦେବୋତ୍ତର କାର୍ଯ୍ୟାଳୟରେ ରଖାଯାଇଛି। ରାତି ୩ଟାରୁ ୩ଟା ୫୦ ମଧ୍ୟରେ ଚନ୍ଦ୍ରଶେଖରଜୀଉଙ୍କ ମହାସ୍ନାନ ଓ ପବିତ୍ର ନାଗାଭରଣ ବେଶ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ଆଳତି ପରେ ପୀଠ ପୁରୋଧାଙ୍କ ଦ୍ୱାରା ପ୍ରଥମ ଧୂପ କରାଯାଇଥିଲା। ପାରମ୍ପରିକ ନୀତି ଅନୁଯାୟୀ ରାଜପରିବାର ପକ୍ଷରୁ ଯୁବରାଜ ଅମରଜ୍ୟୋତି ସିଂହଦେଓ ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ପୂଜାପଣ୍ଡାଙ୍କ ଦ୍ୱାରା ପ୍ରଥମ ପ୍ରହର ସ୍ନାନ ଓ ଚାରିପୂଜା କରାଯାଇଥିଲା। ସେହିପରି ପୀଠ ପୁରୋଧାଙ୍କ ଦ୍ୱାରା ଦ୍ୱିତୀୟ ପ୍ରହର ସ୍ନାନ ଓ ଚାରିପୂଜା ଓ ରାଜ ପୁରୋଧାଙ୍କ ଦ୍ୱାରା ତୃତୀୟ ପ୍ରହର ପୂଜା କରାଯାଇ ଚନ୍ଦ୍ରଶେଖରଜୀଉଙ୍କୁ ବରଣ କରାଯାଇଥିଲା। ଅନ୍ୟ କୌଣସି ତିଥିରେ ରାତିରେ ରୁଦ୍ରାଭିଷେକ ହୁଏନାହିଁ। କିନ୍ତୁ ମହାଶିବରାତ୍ରିରେ ଏହି ବିଧି ହୋଇଥାଏ। ରୁଦ୍ରାଭିଷେକ ପରେ ଠାକୁରଙ୍କ ମହାସ୍ନାନ କରାଯାଇ ଶ୍ରୀଜୀଉଙ୍କୁ ନାଗାଭରଣ ବେଶ କରାଯାଇଥିଲା। ବେଢ଼ାପୂଜା, ବେଢ଼ା ପରିକ୍ରମା କରାଯିବା ପରେ ଭୋର୍ ସମୟରେ ମହାଦୀପ ଉଠିଛି। ପରେ ହରିହର ଭେଟ, ଯୋଗୀବେଶ ଅନୁଷ୍ଠିତ ହୋଇଛି।

ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଭଜନ ସମାରୋହ ମଧ୍ୟ ଆୟୋଜିତ ହୋଇଛି। ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ଼ ପରିଚାଳନା ପାଇଁ ୧୩ ପ୍ଲାଟୁନ ପୁଲିସ୍ ଫୋର୍ସ ମୁତୟନ ହୋଇଛନ୍ତି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ଏସଡିପିଓ, ଦେବୋତ୍ତର ନିର୍ବାହୀ ଅଧିକାରୀ ବିବୁଧ ଗଡ଼ନାୟକ, ଗଁଦିଆ ଥାନା ଅଧିକାରୀ ପତାପ କୁମାର ଦଳେଇ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କର୍ମକର୍ତ୍ତା, ଦେବୋତ୍ତର ନୀରିକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ବସନ୍ତ କୁମାର ରଥଙ୍କ ସମେତ କର୍ମଚାରୀ, ଜିମାଦାର ପ୍ରମୁଖ ଉପସ୍ଥିତ ରହି ମେଳା ପରିଚାଳନା କରିଥିଲେ। ମନ୍ଦିର ପାଦଦେଶ ଓ ପୀଠ ପରିସରରେ ଦୁଇଟି ଅସ୍ଥାୟୀ କଣ୍ଟ୍ରୋଲ୍‌ରୁମ୍ ଖୋଲାଯାଇଥିଲା। ମନ୍ଦିର ପାଦଦେଶରୁ ପୀଠକୁ ବାରବାଙ୍କ ଦେଇ ଭକ୍ତଙ୍କୁ ନେବା ଆଣିବା ପାଇଁ ଗାଡ଼ି ବ୍ୟବସ୍ଥା କରାଯାଇଥିଲା।

## ବିଭିନ୍ନ ଶୈବପୀଠରେ ଶିବରାତ୍ରି ପାଳିତ

ହିନ୍ଦୋଳ,୧୫ ।୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଶୈବପୀଠରେ ପବିତ୍ର ମହାଶିବରାତ୍ରି ପାଳିତ ହୋଇଛି। ଶ୍ରଦ୍ଧାଳୁମାନେ ପ୍ରାତଃରୁ ନିଜ ନିଜ ଅଞ୍ଚଳରେ ଥିବା ଶୈବପୀଠକୁ ଯାଇ ମହାଦେବଙ୍କ ଦର୍ଶନ କରିଛନ୍ତି। ଅନେକ ସ୍ଥାନରେ ମନ୍ଦିର କମିଟି ପକ୍ଷରୁ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଧାଡ଼ି ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ ଶିବମନ୍ଦିର ଲୋକାରଣ୍ୟ ହୋଇଉଠିଥିଲା। ସକାଳୁ ବିଭିନ୍ନ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜା ଚାଲିଥିବା ବେଳେ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଆସି ଭୋଳାଶଙ୍କରଙ୍କ କୃପା ଲାଭ କରିଥିଲେ। ସନ୍ଧ୍ୟାରୁ ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ଜାଗର ଜଳାଇଥିଲେ। ଅନେକ ମନ୍ଦିରରେ ପୁରାଣ



ପାଠ, ପାଲା, ନାମ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା। ଉପଖଣ୍ଡର ସର୍ବପୁରାତନ ଚିତ୍ତଳପୁରସ୍ଥିତ ଉଗ୍ରେଶ୍ୱର ମନ୍ଦିର, ରକଳାସ୍ଥିତ କୁଣ୍ଡେଶ୍ୱର ମହାଦେବ, କଙ୍କାଳୁସ୍ଥିତ ମାତାଳେଶ୍ୱର ମହାଦେବ, ଭଗବାନପୁର ରାମେଶ୍ୱର ମହାଦେବ, ହିନ୍ଦୋଳ ରାମେଶ୍ୱର ମହାଦେବ, ଖଜୁରିଆକଟା ସ୍ୱପ୍ନେଶ୍ୱର, ପଞ୍ଚପଡ଼ା ତାରେଶ୍ୱର, ନନ୍ଦପୁର ବିଶ୍ୱନାଥ, ଦୁଦୁରୁକୋଟ କୁଣ୍ଡଳେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। ବିଳମ୍ବିତ ରାତିରେ ମହାଦୀପ ଉଠିଥିଲା।

## ମାଟି ପାଇଁ ଗୌରବ ଆଣିଲେ ସୁବ୍ରତ



ଖଜୁରିଆକଟା,୧୫ ।୨(ସମିସ): ଓଡ଼ିଶା ଲୋକସେବା ଆୟୋଗ ଓପିଏସସି ଦ୍ୱାରା ପରିଚାଳିତ ସ୍ନାତକୋତ୍ତର ଶିକ୍ଷକ ପିଜିଟି କମର୍ସ ନିଯୁକ୍ତି ପରୀକ୍ଷାରେ ବାଲିମି ଗ୍ରାମର ସୁବ୍ରତ ସାମଲ ସଫଳତା ହାସଲ କରିଛନ୍ତି। ଶୁକ୍ରବାର ପ୍ରକାଶିତ ଚୂଡ଼ାନ୍ତ ତାଲିକାରେ ସୁବ୍ରତ ରାଜ୍ୟରେ ୧୫ତମ ମାନ୍ୟତା ହାସଲ କରି ନିଜ ଅଞ୍ଚଳ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସୁବ୍ରତ ହେଉଛନ୍ତି ବାଲିମି ଗ୍ରାମର ସଞ୍ଜୟ କୁମାର ସାମଲ ଏବଂ ନମିତା ସାମଲଙ୍କ ସୁପୁତ୍ର। ସେ ପ୍ରତିଷ୍ଠିତ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିବା ସହ ଆଇସିଏଏମଏଆଇ ରୁ ସଫଳତାର ସହ ସିଏମଏ ପାଠ୍ୟକ୍ରମ ମଧ୍ୟ ପୂର୍ଣ୍ଣ କରିଛନ୍ତି। ଜଣେ ନିଷ୍ଠାପର ଓ ପରିଶ୍ରମୀ ଛାତ୍ର ଭାବେ ସେ ଏହି ସଫଳତା ପାଇଁ ନିଜ ପିତାମାତାଙ୍କ ଆଶୀର୍ବାଦ ଏବଂ ଗୁରୁଜନଙ୍କ ପ୍ରେରଣାକୁ ଶ୍ରେୟ ଦେଇଛନ୍ତି। ଏଥିସହିତ, ଏହି କଠିନ ଯାତ୍ରାରେ ସବୁବେଳେ ସହଯୋଗ ଓ ଉତ୍ସାହ ପ୍ରଦାନ କରିଥିବା ନିଜର ପ୍ରିୟ ସାଙ୍ଗମାନଙ୍କ ପ୍ରତି ସେ ଗଭୀର କୃତଜ୍ଞତା ଜଣାଇଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ଓକେଶିଏଲ୍ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ର ଶାଖା ପରିଚାଳକ ପ୍ରଶାନ୍ତ କୁମାର ଜେନାମଣି ଶୁଭେଚ୍ଛା ଜଣାଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଉତ୍ସାହର ପରିବେଶ ଦେଖାଦେଇଛି। ଜଣେ ଶିକ୍ଷକ ଭାବେ ସମାଜର ଉନ୍ନତି ପାଇଁ ସେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

● ଯୁବପିଢ଼ିଙ୍କ ମନରେ କ୍ରୀଡ଼ା ମନୋଭାବ ଜାଗ୍ରତ ଲକ୍ଷ୍ୟ

## ନିଶ୍ୱାର୍ଡ ଅନୁଷ୍ଠାନର କ୍ରୀଡ଼ା ପ୍ରତିଯୋଗିତା



ଢେଙ୍କାନାଳ,୧୫ ।୨(ସମିସ): ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଶ୍ୱାର୍ଡ ଏବଂ କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଶାଖା ମୋ ଭାରତ ଢେଙ୍କାନାଳ ମିଳିତ ଆନୁକୂଲ୍ୟରେ ସଦର ବ୍ଲକ୍ ବାରଦା ପଞ୍ଚାୟତ ଲଛମନ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ୪ଟି କ୍ଲଷ୍ଟର ତଥା ସଦର, ଓଡ଼ାପଡ଼ା, ହିନ୍ଦୋଳ ଓ ଗଁଦିଆଠାରେ ହୋଇଥିବା କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ବିଜେତା ପ୍ରତିଯୋଗୀଙ୍କୁ ନେଇ ଦୁଇଦିନିଆ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ନିଶ୍ୱାର୍ଡ ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ରନାରାୟଣ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବାରଦା ସରପଞ୍ଚ ଦୀପାଞ୍ଜଳି ନାୟକ, ମୁଖ୍ୟବକ୍ତା ଭାବେ ଲଛମନ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜନ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ପୁରାତନ ଛାତ୍ର କମିଟି ସଭାପତି ଚନ୍ଦ୍ରଶେଖର ବରାଳ, ଉତ୍କଳ ଭାରତୀ ଯୁବସେବା ସଂଘ ସଭାପତି ଜଗବନ୍ଧୁ ସ୍ୱାଇଁ, ଯୋଗଗୁରୁ ରସାନନ୍ଦ ସ୍ୱାଇଁ, ସମାଜସେବୀ ଦିଲୀପ କୁମାର ସ୍ୱାଇଁ, ଲଛମନ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାଧାମୋହନ ମାଝୀ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସ୍ୱାଇଁ, ସିଞ୍ଜିନୀ ଲେଙ୍କା, ମମତା ରାଉତ ପ୍ରମୁଖ ଯୋଗଦେଇ ଯୁବପିଢ଼ିଙ୍କ ମନରେ କ୍ରୀଡ଼ା ମନୋଭାବ ଜାଗ୍ରତ କରିବା ଏହି ପ୍ରତିଯୋଗିତାର ଲକ୍ଷ୍ୟ ବୋଲି କହିଥିଲେ। ବାଳକମାନଙ୍କ ମଧ୍ୟରେ ଫୁଟବଲ୍, ବାସ୍କେଟ ବଲ ଓ ବାଳିକାଙ୍କ ମଧ୍ୟରେ ସ୍ଲୋ ସାଇକଲ୍ ରେସ୍, ବ୍ୟାଡ୍‌ମିଣ୍ଟନ, ରିଲେ ରେସ ଓ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ସ୍ୱାଇଁ ଓ ରାଜେନ୍ଦ୍ର ପ୍ରଧାନ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅତିଥିମାନ ନିଶ୍ୱାର୍ଡ ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ଅଙ୍ଗଦାନ କରିବେ ପ୍ରଣୟ ସାହୁ



ଖଜୁରିଆକଟା,୧୫ ।୨ (ସମିସ): ହିନ୍ଦୋଳ ଉପଖଣ୍ଡ କନ୍ତିମିଲି ପଞ୍ଚାୟତ କୁମୁରିସିଂହ ଗ୍ରାମର ଉମେଶଚନ୍ଦ୍ର ସାହୁଙ୍କ ସାନପୁଅ ପ୍ରଣୟ ସାହୁ (୩୬) ଅନଲାଇନ ପଞ୍ଜୀକରଣ କରି ଅଙ୍ଗଦାନ ପାଇଁ ଚୁକ୍ତି କରିଛନ୍ତି। ସେ ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣିଙ୍କ ଦ୍ୱାରା ପ୍ରଭାବିତ ହୋଇ ଏହିଳି ମହତ କାମ ପାଇଁ ଆଗେଇ ଆସିଥିବା କହିଛନ୍ତି। ପ୍ରଣୟ ଜଣେ ଯୁବ ସମାଜସେବୀ ଭାବେ ଅଞ୍ଚଳରେ ବେଶ୍ ପରିଚିତ। ତାଙ୍କର ଚିତ୍ରକଳାରେ ମଧ୍ୟ ଦକ୍ଷତା ରହିଛି। ବର୍ତ୍ତମାନ ସେ ଅସ୍ୱାୟାର ନାମକ ଏକ ଘରୋଇ ସଂସ୍ଥାରେ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ହିନ୍ଦୋଳ ତଥା ଆଖପାଖ ଅଞ୍ଚଳରେ ବାଲ୍ୟ ବିବାହ ରୋକିବା, ନିଶା ନିବାରଣ ଶିକ୍ଷାଦାନ କ୍ଷେତ୍ରରେ କାମ କରି ବେଶ୍ ଚର୍ଚ୍ଚାରେ ରହିଛନ୍ତି। ତାଙ୍କର ଏଭଳି କାମରେ ବହୁ ଯୁବକ ପ୍ରଭାବିତ ହୋଇ ସମାଜ ପାଇଁ କାମ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ



ପରଜଙ୍ଗ,୧୫ ।୨(ସମିସ): ପରଜଙ୍ଗ ବ୍ଲକ ସାଆନ୍ଦା ହାଇସ୍କୁଲର ଛାତ୍ରବତ୍ସଳ ତଥା ଆଦର୍ଶ ଶିକ୍ଷକ ବିନୋଦ ଚନ୍ଦ୍ର ପଣ୍ଡା (ଛବି ସାର)ଙ୍କ ପରଲୋକ ଘଟିଛି। ଶନିବାର ଅଚାନକ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କ ଦେହାନ୍ତ ହୋଇଛି। ଛବି ସାର୍ ୧୯୪୫ ମାର୍ଚ୍ଚ ୩୧ ତାରିଖ ସାଆନ୍ଦା ପଞ୍ଚାୟତ ଭେରୁଣିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଗ୍ରାମର ବାଣୀ ପଣ୍ଡା ଓ ବିଶ୍ୱନାଥ ପଣ୍ଡାଙ୍କ ପୁଅ ଛବି ସାର୍ ୧୯୬୬ରୁ ସାଆନ୍ଦା ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି ୧୯୯୭ରେ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ୨୦୦୩ରେ ସେ ଅବସର ଗ୍ରହଣ କରିଥିଲେ। ଶିକ୍ଷକତା ଜୀବନରେ ସେ ଅନେକ ଛାତ୍ରଛାତ୍ରୀଙ୍କୁ ଡାକ୍ତର, ଇଞ୍ଜିନିୟର, ଶିକ୍ଷକ ଭାବେ ଗଢ଼ି ତୋଳିଛନ୍ତି। ସେହିପରି ସ୍କୁଲର ବିକାଶ ପାଇଁ ମଧ୍ୟ ତାଙ୍କ ଅବଦାନ ଅତୁଳନୀୟ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଢେଙ୍କାନାଳ,୧୫ ।୨(ସମିସ): ସଦର ବ୍ଲକ୍ ମୋଟରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମାସ ବ୍ୟାପୀ ଚାଲିଥିବା ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ୩୧ଜଣ ବାଳିକା ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ରୂପଶ୍ରୀ ପରିଡ଼ା ଓ ଅମିତା ନାୟକ ସାଧନକର୍ମୀ ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁ କୁମାର ମଲ୍ଲିକ, ସହକାରୀ ଶିକ୍ଷକ ସନ୍ତୋଷ କୁମାର ଧଳ, ସ୍ୱର୍ଣ୍ଣପ୍ରଭା ମିଶ୍ର, ସ୍ନିଗ୍ଧାରାଣୀ ନାୟକ ଓ ଶୋଭାଶ୍ରୀ ଦଳେଇ ସହଯୋଗ କରିଥିଲେ।

## ବିଶ୍ୱ ତାପନ ରୋକିବାକୁ ସଚେତନତା



କାମାକ୍ଷାନଗର,୧୫ ।୨(ସମିସ): ଏକ ସବୁଜ ଓ ସୁନ୍ଦର ପୃଥିବୀ ଗଠନ ପାଇଁ ବ୍ୟାପକ ଚାରାରୋପଣ ଉଦ୍ଦେଶ୍ୟ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ସହ ସମାଜକୁ ଦିଗଦର୍ଶନ ଦେବାକୁ ଜେଏମପି ମଡେଲ ସ୍କୁଲ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍କୁଲ ଅଧ୍ୟକ୍ଷ ଦୀନେଶ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମ୍ପାଦକ ଚିରଞ୍ଜୀବ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱବ୍ୟାପୀ ତାପମାତ୍ରା ଅହେତୁକ ବୃଦ୍ଧି ପାଉଥିବା ବେଳେ ବ୍ୟାପକ ଚାରାରୋପଣ ଫଳରେ ଏକ ସୁସ୍ଥ ଓ ସବୁଜ ପୃଥିବୀ ଗଠନ କରିବାକୁ ସମସ୍ତେ ଯତ୍ନବାନ ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ଛାତ୍ରଛାତ୍ରୀ, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅତିଥି ବୁଦ୍ଧପାର୍କକୁ ଯାଇ ବିଭିନ୍ନ ବୃକ୍ଷକୁ ଚିହ୍ନିବା ସହ ଚାରାରୋପଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦେବାଶିଷ ମହାପାତ୍ର, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଶତପଥୀ, ଶୁଭଲକ୍ଷ୍ମୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଶୁଭାରମ୍ଭ

ଢେଙ୍କାନାଳ,୧୫ ।୨(ସମିସ)

ସ୍ଥାନୀୟ ପୁରୁଣା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ନିତି ଆୟୋଗର ଏକ ଆକାଂକ୍ଷୀ ଜିଲ୍ଲା ଭାବରେ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଶୁଭାରମ୍ଭ ହୋଇଛି। ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ ରଞ୍ଜନ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର, ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ ଡା. ପ୍ରଭାସ କୁମାର ବେହେରା, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ ଉପନିର୍ଦ୍ଦେଶକ ରାଜବଲ୍ଲଭ କର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ ସହକାରୀ ନିର୍ଦ୍ଦେଶକ ମନୋଜ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

ଅତିଥି ଓ ଅଧିକାରୀମାନେ ୨୦୨୬ ଏପ୍ରିଲ ୧୪ ସୁଦ୍ଧା ନିର୍ଦ୍ଧାରିତ ବିକାଶମୂଳକ ଲକ୍ଷ୍ୟ ହାସଲ ଦିଗରେ ଏହାର କେନ୍ଦ୍ରୀତ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ସମୟୋଚିତ ଏବଂ ମାପଯୋଗ୍ୟ ଫଳାଫଳ ସୁନିଶ୍ଚିତ କରିବା ପାଇଁ ସମନ୍ୱିତ ପ୍ରୟାସ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ରଣନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ନିତି ଆୟୋଗ ଦ୍ୱାରା ସ୍ଥିରୀକୃତ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଅନ୍ତର୍ଗତ ଆକାଂକ୍ଷୀ ଢେଙ୍କାନାଳ ଜିଲ୍ଲାର ୫ଟି ମୁଖ୍ୟ ସୂଚକ କେପିଆଇରେ ଶତ ପ୍ରତିଶତ ପୂର୍ଣ୍ଣତା ଲକ୍ଷ୍ୟ ପୂରଣ ପାଇଁ ନିଷ୍ଠା, ପାରଦର୍ଶିତା ଓ ଦାୟିତ୍ୱବୋଧ ସହ କର୍ତ୍ତବ୍ୟ ପାଳନ କରିବା ପାଇଁ ସମସ୍ତେ ସଙ୍କଳ୍ପବଦ୍ଧ ହୋଇଥିଲେ। ଜନ୍ମ ସମୟରେ ଶତ ପ୍ରତିଶତ ଶିଶୁଙ୍କ ଓଜନ ନିଶ୍ଚିତ କରିବା, ଶତ ପ୍ରତିଶତ ଟିବି ରୋଗୀଙ୍କ ସଂଖ୍ୟା ଓ ପରୀକ୍ଷା ସୁନିଶ୍ଚିତ କରିବା, ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ପୋଷଣ ଦିବସ ନିୟମିତ ପାଳନ କରିବା, ଜିଲ୍ଲାର ସମସ୍ତ ବିଦ୍ୟାଳୟରେ କାର୍ଯ୍ୟକ୍ଷମ ବାଳିକା ଶୌଚାଳୟ ଶତ ପ୍ରତିଶତ ଉପଲବ୍ଧତା ସୁନିଶ୍ଚିତ କରିବା ତଥା ଗୃହପାଳିତ ପଶୁଙ୍କ ଶତ ପ୍ରତିଶତ ଟିକାକରଣ ସୁନିଶ୍ଚିତ କରିବା ହେଉଛି ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ୫ଟି ମୁଖ୍ୟ ସୂଚକ କେପିଆଇ। ୨୦୨୬ ଏପ୍ରିଲ୍ ୧୪ ସୁଦ୍ଧା ଏହି ସମସ୍ତ ଲକ୍ଷ୍ୟ ସାଧନ ନିମନ୍ତେ ସମସ୍ତେ ସଙ୍କଳ୍ପବଦ୍ଧ ହୋଇଥିଲେ।

## ବର୍ଷୀୟାନ କବି ଯୋଗୀନାଥ ରାଉଳ ସମ୍ବର୍ଦ୍ଧିତ

ଢେଙ୍କାନାଳ,୧୫ ।୨(ସମିସ): ଯୋରନ୍ଦା ମହିମାଗାଦିରେ ମହିମା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ବିଶେଷ କାର୍ଯ୍ୟକ୍ରମରେ ଯୋରନ୍ଦା ଅଞ୍ଚଳର ବର୍ଷୀୟାନ କବି ତଥା କବି ବ୍ରଜନାଥ ବଡ଼ଜେନାଙ୍କ ଜନ୍ମସ୍ଥାନ କାବରାମାଧପୁର ମାଟିର ପୁଅ ଯୋଗୀନାଥ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ପାଦକ ସୁଧାଂଶୁ ଶେଖର ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସତ୍ୟମହିମା ଧର୍ମଧାମ ସମାଜ ସମ୍ପାଦକ ନିତ୍ୟାନନ୍ଦ ବାବା ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ମହିମା ସାହିତ୍ୟ ସଂସଦ ସଭାପତି ନିରୋଦ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୁବ ସାହିତ୍ୟିକ ଆଇନଜୀବୀ ପ୍ରକାଶ କୁମାର ରାଉତ, ସାହିତ୍ୟିକ ରବିନାରାୟଣ ରାଉଳ, ବିରଞ୍ଚି ନାରାୟଣ ହୋତା, ଗୋପୀନାଥ ସାମଲ, ଯୁଧିଷ୍ଠିର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କବି ଯୋଗୀନାଥ ରାଉଳଙ୍କ ଲିଖିତ ପୁସ୍ତକ କନିଷ୍ଠ କୌରବକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମହିମା ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ଡ. ପ୍ରଜେଶ ଜେନାଙ୍କୁ ମହିମା ସାହିତ୍ୟ ସଂସଦ ପକ୍ଷରୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋଜ ମଞ୍ଜରୀ ଲେଙ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ କବି



ଅନନ୍ତ ନାଏକ, ନିରୋଦ ଚନ୍ଦ୍ର ସାମଲ, ଗୋପୀନାଥ ସାମଲ, ସୁଧାଂଶୁ ଶେଖର ରାଉତ, ପ୍ରକାଶ ଚନ୍ଦ୍ର ରାଉତ, ଜିତେନ୍ଦ୍ର ପାଣି, କବୟିତ୍ରୀ ରୂପମଞ୍ଜରୀ ପଟ୍ଟନାୟକ, ନୀହାରବାଳା ରାଉତ, ଅନିମା ପରିଡ଼ା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରସନ୍ନ କୁମାର ରାଉତ, ନିରୋଦ ଚନ୍ଦ୍ର ସାହୁ, ନିମାଇଁ ଚରଣ ନାୟକ ଓ ସୂର୍ଯ୍ୟାଂଶୁ ଶେଖର ରାଉତ ସହଯୋଗ କରିଥିଲେ। ଆନନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

